Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୮, ଭୁବନେଶ୍ୱର, ୨୭ ମେ' ରୁ ୨ ଜୁନ୍, ୨୦୨୪

Vol-1, Issue-28, Bhubaneswar, 27 May to 2 June , 2024

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ALL TYPES OF
INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257


ବନ୍ଧନ
ସୁ-ସମ୍ପର୍କ ଗଢେ

ଏଠାରେ ନିମନ୍ତ୍ରଣ
କାର୍ଡ ମିଳେ

# ବିଜେପି-ବିଜେଡି ଚିଠି ଲେଖା ରାଜନୀତି

## ବିଜେପି: ପୂର୍ବତନ ସଭାପତିଙ୍କ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୋଲିସ୍ ଡି.ଜିଙ୍କୁ ଚିଠି

## ବିଜେଡି: ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ଏସସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ପିଲାଳିଆ ଚିଠି



Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

BIJU JANATA DAL

ତା – ୨୬-୦୪-୨୦୨୪

ପ୍ରାପ୍ତେଷୁ,
ବିଭାଗୀୟ ମୁଖ୍ୟ, ମନସ୍ତାତ୍ୱିକ ବିଭାଗ, ଏସସିବି ମେଡିକାଲ କଲେଜ

ବିଷୟ – ଓଡିଶା ବିଜେପି ନେତାଙ୍କୁ ତୁରନ୍ତ ମାନସିକ ରୋଗ ପାଇଁ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ

ମହାଶୟ,
ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବେ, ଆମ ପ୍ରତିପକ୍ଷ ଓଡିଶା ବିଜେପିର କିଛି ନେତାଙ୍କ ମାନସିକ ସ୍ଥିତି ଦେଖି ଆମେ ଗଭୀର ଭାବେ ଚିନ୍ତିତ । ଆମକୁ ଭାରି ଦୟା ଲାଗୁଛି । ୨୦୨୪ ନିର୍ବାଚନ ବହୁତ ଖରାପ ଭାବେ ହାରିବାକୁ ଯାଉଥିବାରୁ, ସେମାନେ ନିଜ ମାନସିକ ଭାରସାମ୍ୟ ହରାଇ ପ୍ରତିଦିନ ବାତୁଳାମି କରୁଛନ୍ତି । ଏସବୁ ଦେଖିବା ଭାରି କଷ୍ଟଦାୟକ ।

ଏହି ନେତା ମାନଙ୍କର ଏକ ତାଲିକା ଆମେ ନିମ୍ନରେ ଉଲ୍ଲେଖ କରୁଛୁ ।
୧- ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ
୨- ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା, ବିଜେପି ନେତା
୩- ଶ୍ରୀମତି ଅପରାଜିତା ଷଡଙ୍ଗୀ, ସାଂସଦ, ଭୁବନେଶ୍ୱର
୪- ଶ୍ରୀଯୁକ୍ତ ସମୀର ମହାନ୍ତି, ବିଜେପି ନେତା

ଆମେ ଆପଣଙ୍କୁ ଅନୁରୋଧ କରୁଛୁ, ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ମେଡିକାଲ ବୋର୍ଡ ଗଠନ କରି ନେତା ମାନଙ୍କର ଆବଶ୍ୟକୀୟ ମାନସିକ ରୋଗ ଚିକିତ୍ସା ବ୍ୟବସ୍ଥା କରାଯାଉ ।

ଯଦି ସେମାନେ ଏଥିରେ ରାଜି ନ'ହୁଅନ୍ତି, ତେବେ ସେମାନଙ୍କୁ ବୁଝାସୁଝା କରି [illegible] ଦାୟିତ୍ୱ ଏକ କାଉନସେଲିଂ ଟିମ୍‌କୁ ପ୍ରଦାନ କରାଯାଉ ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରୁଛୁ, ଓଡିଶା ବିଜେପି ନେତାଙ୍କୁ ମାନସିକ ସନ୍ତୁଳନ ବଜାୟ ରଖିବାରେ ସହାୟକ ହୁଅନ୍ତୁ ।

ଡକ୍ଟର ଅମର ପଟ୍ଟନାୟକ
ପୂର୍ବତନ ସାଂସଦ, ରାଜ୍ୟସଭା
ରାଷ୍ଟ୍ରୀୟ ମୁଖପାତ୍ର, ବିଜେଡି



ଭାରତୀୟ ଜନତା ପାର୍ଟି, ଓଡ଼ିଶା
BHARATIYA JANATA PARTY, ODISHA



ଭୁବନେଶ୍ୱର (ଭିଓଭି): ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ବାକି ଥିବା ବେଳେ ଏବେ ଶାସକ ବିଜେଡି ଓ ବିରୋଧୀ ବିଜେପି ମଧ୍ୟରେ ଆରୋପ ପ୍ରତ୍ୟାରୋପ ସାଙ୍ଘାତିକ ସ୍ଥିତିରେ ପହଞ୍ଚିଛି। ନିକଟରେ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ପ୍ରଶ୍ନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ପୂର୍ବତନ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ କବଜା କରି ରଖିଛନ୍ତି ବୋଲି ଗୁରୁତର ଅଭିଯୋଗ ରାଜ୍ୟ ପୋଲିସ୍ ଡି.ଜି ଓ ମୁଖ୍ୟ ଶାସନସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏପରିକି ଜଣେ ହାଇକୋର୍ଟ ବିଚାରପତି ଓ କିଛି ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ପ୍ରକୃତ ସ୍ଥିତି ପରଖିବା ନିମନ୍ତେ ସେ ଶାସନ ସଚିବଙ୍କୁ ଅନୁରୋଧ ମଧ୍ୟ କରିଛନ୍ତି। ଅନେକ ଗୁଡ଼ିଏ ଗୁରୁତର ଅଭିଯୋଗକୁ ସେ ଉପଯୁକ୍ତ ଫୋରମ୍‌ରେ ଅଭିଯୋଗ କରିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ଏହାର ଉତ୍ତର ଦେବାକୁଯାଇ ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତା ଅମର ପଟ୍ଟନାୟକ ଔଷଧ ବିକଳରେ ତାଟିଆ କାମୁଡିବା ପରି ସ୍ଥିତି ଉପୁଯାଇଛନ୍ତି। ସେ ଏସ.ସି.ବି ମେଡିକାଲ କଲେଜ୍ ମନସ୍ତାତ୍ୱିକ ବିଭାଗ ନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖି ବିଜେପି ଦଳର ଧର୍ମେନ୍ଦ୍ର ପ୍ରଧାନ, ଅପରାଜିତା ଷଡ଼ଙ୍ଗୀ, ସମୀର ମହାନ୍ତି ଓ ବୈଜୟନ୍ତ ପଣ୍ଡା'ଙ୍କର ମାନସିକ ରୋଗର ଚିକିତ୍ସା ଶୀଘ୍ର କରିବାକୁ ଅନୁରୋଧ କରିଛନ୍ତି। ପିଲାଳିଆ ଭାବରେ ଏଭଳି ଏକ ଅପରିପକ୍ୱ ଚିଠି ରାଜ୍ୟର ବୁଦ୍ଧିଜୀବୀମାନଙ୍କୁ ଚିନ୍ତାରେ ପକାଇଛି।

ଏଥର ଆମେ ଆସିବା ପ୍ରସଙ୍ଗକୁ, ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା କିମ୍ବା ତାଙ୍କ ପ୍ରତି ଥିବା କୌଣସି ବି ବିପଦ ବିଷୟରେ ବିରୋଧୀ ଦଳ ତାର ଅଭିଯୋଗ ନିୟମାନୁସାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୋଲିସ୍ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କଲେ। ମୁଖ୍ୟ ଶାସନ ସଚିବ ଅଭିଯୋଗ ଉପରେ କଣ କରିବେ ବା ନକରିବେ ସେଇଟା ତାଙ୍କ ଉପରେ ନିର୍ଭର କରେ କିନ୍ତୁ ଏହା ନିଃସନ୍ଦେହ ଯେ ବିଜେପି ଦଳ ନିୟମ ଅନୁସାରେ ତାଙ୍କର ଅଭିଯୋଗକୁ ଉପଯୁକ୍ତ ଫୋରମ୍‌ରେ ରଖିଛି। ବିଜେପି ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ଚିଠି ଦେବା ପରେ ବିଜେଡି ଦଳ ପକ୍ଷରୁ ତାର ସିଧା ଉତ୍ତର ନ ରଖି ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ରାଷ୍ଟ୍ରୀୟ ପ୍ରବକ୍ତା ଏସ.ସି.ବି ମନସ୍ତାତ୍ୱିକ ବିଭାଗକୁ ଯେଉଁ ଚିଠି ଲେଖିଲେ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅମର ପଟ୍ଟନାୟକ ଜଣେ ଉଚ୍ଚ ଶିକ୍ଷିତ ରାଜନେତା । ସେ ଏପରି ଭୁଲ୍ କେମିତି କଲେ ? କାହାରି ସ୍ୱାସ୍ଥ୍ୟ ଅବସ୍ଥାର ପରୀକ୍ଷଣ ପାଇଁ ସେ ଚିଠି ଦେବାକୁ କିଏ ? ପରନ୍ତୁ ତାଙ୍କ ଚିଠି ଆଧାରରେ ପରେ ଏସ.ସି.ବି ଅଧିକାରୀ କଣ ଲୋକ ପଠାଇ ବିଜେପି ର ସେହି ଚାରି ଜଣ ନେତାଙ୍କୁ ଜବରଦସ୍ତ ଧରି ଆଣି ଚିକିତ୍ସା କରାଇବେ ?

ସେ ଯଦି ମାନସିକ ସ୍ଥିତିକୁ ନେଇ ସନ୍ଦେହ ପ୍ରକାଶ କଲେ ତେବେ ଉପଯୁକ୍ତ ଫୋରମ୍ ରେ ଅଭିଯୋଗ କରିଥିଲେ ଭଲ ହେଇଥାନ୍ତା ଏବଂ ତାସହିତ ନିଜ ର ଏବଂ ବିଜେଡି ଦଳର ଗାରିମା ବି ବଢ଼ିଥାନ୍ତା। ଅମର ପଟ୍ଟନାୟକଙ୍କ ଚିଠି ଏସ.ସି.ବି ମାନସିକ ରୋଗ ବିଭାଗରେ ପହଞ୍ଚିଛି ନା ନାହିଁ ସେ ସମ୍ବନ୍ଧରେ ଆମେ ଯୋଗାଯୋଗ କରିଥିଲେ ମଧ୍ୟ କେହି କିଛି କହିପାରି ନଥିଲେ। କିନ୍ତୁ ଚିଠି ଲେଖା ରାଜନୀତିକୁ ନେଇ ବିଜେଡି ଦଳ ଅଧିକ ହାସ୍ୟାସ୍ପଦ ହେଇଛି ବୋଲି ଜନସାଧାରଣ ମତପୋଷଣ କରୁଛନ୍ତି।

# ପ୍ରଥଭ୍ରଷ୍ଟ ଯୁବ ସମାଜ

ଆମରାଜ୍ୟରେ ଯୁବଗୋଷ୍ଠୀ ଏବେ ଦିଗହୀନ ହୋଇ ଗତି କରୁଛନ୍ତି। ଅବଶ୍ୟ ଏଭଳି ସ୍ଥିତି ଅନେକ ରାଜ୍ୟରେ କିନ୍ତୁ ଆମକୁ ଆମ କଥା ଚିନ୍ତା କରିବାକୁ ପଡ଼ିବ। ଏବେ ସବୁ ଗଣମାଧ୍ୟମରେ ନିଶାଦ୍ରବ୍ୟ ସମ୍ବନ୍ଧୀୟ ଖବରର ଶିରୋନାମା ପାଲଟୁଛି। କେଉଁଠି ନିଶା ଧରପଗଡ଼ ତ କେଉଁଠି ନିଶା ପାଇଁ ଗଣ୍ଡଗୋଳ ଇତ୍ୟାଦି। ପ୍ରକୃତରେ ଯୁବପିଢ଼ୀ କରିବେ କ'ଣ ? ପାଠ ପଢ଼ିବା ପରେ ତା'ହାତକୁ କାମ ଦେବାର ଯୋଜନା ଅତି ନଗନ୍ୟ ! ପାଠ ପଢ଼ିବା ସମୟରେ ବହିକୁ ଛାଡ଼ି ଅନ୍ୟ କୌଣସି କ୍ରିୟାଶୀଳ କାର୍ଯ୍ୟକ୍ରମ ମଧ୍ୟ ତାଙ୍କ ପାଖରେ ନାହିଁ। ତେଣୁ ଯୁବପିଢ଼ୀର ପିଲାମାନେ ପଢ଼ିବା ସମୟରେ ତାଙ୍କ ବଳକା ସମୟକୁ ସୁବିନିଯୋଗର ବାଟ ନପାଇ ଭିନ୍ନରାସ୍ତାର ଆଶ୍ରୟ ନେବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ଯଦି ପାଠ୍ୟକ୍ରମ ସହିତ ଖେଳକୁଦ, ଅତ୍ୟାବଶ୍ୟକ ଜ୍ଞାନ କୌଶଳର ଶିକ୍ଷା, ମନୋରଞ୍ଜନଧର୍ମୀ ବିଦ୍ୟା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ଶିକ୍ଷଣୀୟ ବିଷୟସବୁ ଥାନ୍ତା ତେବେ ତା'ପାଖରେ ନିଜର ବଳକା ସମୟକୁ ସୁବିନିଯୋଗର ରାସ୍ତା ମିଳନ୍ତା। ଏପର୍ଯ୍ୟନ୍ତ ସେଭଳି ପାଠ୍ୟକ୍ରମ ପ୍ରସ୍ତୁତି ହୋଇପାରି ନାହିଁ, ଯାହା ଯୁବବର୍ଗଙ୍କୁ କିଶୋର ଅବସ୍ଥାରୁ ବିପଥଗାମୀ କରିବାରେ ସହାୟକ ହେବ। ଆମ ରାଜ୍ୟରେ ସରକାରୀ ମଦ ବ୍ୟବସାୟର ବହୁଳ ପ୍ରଚାର ଓ ପ୍ରୋତ୍ସାହନ ଯୋଗୁଁ ଗାଁ ଗହଳିରେ ନିଶା କାରବାର ସରକାରୀ ଭାବେ ଉପଲବ୍ଧ ହେବାର ପରିଲକ୍ଷିତ ହେଉଛି। ପାଠପଢ଼ା ସାରିବା ପରେ ସୁନିଶ୍ଚିତ ଭବିଷ୍ୟତ ନାହିଁ କିମ୍ବା ସୁନ୍ଦର ଭବିଷ୍ୟତର ସ୍ୱପ୍ନ ବି ଦେଖାଯାଉ ନାହିଁ; ଯାହାକି ଯୁବପିଢ଼ୀଙ୍କୁ ନିରାଶା ଭିତରକୁ ଠେଲି ଦେଉଛି। ଯାହାଫଳରେ ନିଶା ବେପାରୀଙ୍କର ଜାଲରେ ଅତି ସହଜ ଭାବରେ ଶିକାର ହେଉଛନ୍ତି ଯୁବପିଢ଼ୀ। ରାଜସ୍ୱ ଆଦାୟ କରିବା ପାଇଁ ସରକାର ଗାଁ ଗାଁରେ ମଦଦୋକାନ ମାନ ଖୋଲୁଛନ୍ତି। ଜଣେ କ୍ଷମତାପ୍ରାପ୍ତ ମଦଦୋକାନୀ ବିଭାଗୀୟ ସଲାସୁତୁରାରେ ପର୍ଯ୍ୟାପ୍ତ ପରିମାଣର ବ୍ୟବସାୟ କରି ଲାଭଅର୍ଜନ କରିବା ପାଇଁ ଅନେକ ଅସାଧୁ ବ୍ୟବସାୟୀ ତିଆରି କରୁଛନ୍ତି; ଯାହାର ଫଳସ୍ୱରୁପ ପ୍ରତି ଗାଁ ଗଣ୍ଡାରେ ଛୋଟଛୋଟ ବ୍ୟବସାୟ ପ୍ରତିଷ୍ଠାନ ମଦ ବିକ୍ରି କରି ନିଜର ଆୟବୃଦ୍ଧି କରୁଛନ୍ତି ଓ ବିପଥଗାମୀ ଯୁବପିଢ଼ୀକୁ ମଦ ଖୋଜିବାକୁ ମଧ୍ୟ ଦୂରସ୍ଥାନକୁ ଯିବାକୁ ପଡୁନି। ଏହାର ସୁଯୋଗରେ ଅନ୍ୟାନ୍ୟ ନିଶା ବ୍ୟବସାୟୀ ମଧ୍ୟ ସେମାନଙ୍କର ମାରାତ୍ମକ ନିଶାକୁ ଗାଁ ଗହଳିରେ ଅନ୍ୟାୟାସରେ ପହଞ୍ଚାଇ ବ୍ୟବସାୟରେ ଲିପ୍ତ ରହୁଛନ୍ତି। ବେଳେବେଳେ ଆଖି ଦେଖାଣିଆ ଚଢ଼ାଉ କରାଯାଇ କିଛି ମଦ ଏବଂ ଅନ୍ୟାନ ନିଶାଦ୍ରବ୍ୟ ମଧ୍ୟ ଜବତ କରି ଖବରକାଗଜର ପୃଷ୍ଠା ମଣ୍ଡନ କରୁଛନ୍ତି ସରକାରୀ ବାବୁମାନେ।

ନିକଟରେ ବିହାରରେ ବିଶାକ୍ତ ମଦ୍ୟପାନ ଯୋଗୁଁ କେତେ ଘର ଉଜୁଡ଼ି ଯାଇଛି ଓ କେତେ ପିଲା ବାପଛେଉଣ୍ଡ ହୋଇଛନ୍ତି ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ସେଠାକାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଲେ- 'ଯିଏ ମଦ ପିଇବ ସିଏ ମରିବ'। ବିହାରରେ ସରକାରୀ ମଦଦୋକାନ ସଂପୂର୍ଣ୍ଣ ବନ୍ଦ ଥିବାବେଳେ ଚୋରା ମଦର ପ୍ରଭାବରେ ଏଭଳି ଘଟଣା ଘଟିଛି। ମୁଖ୍ୟମନ୍ତ୍ରୀ ମଦ ବନ୍ଦ କରୁଥିବାରୁ ଏପରି କଥା କହି ନିଜ ମୁଣ୍ଡରୁ ଦୋଷ ଓହ୍ଲାଇଦେବା ଯୁକ୍ତିଯୁକ୍ତ ଲାଗୁନାହିଁ। ନିର୍ବାଚିତ ସରକାର ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ନେଇ କମିଟି ଗଠନ କରି ମଦବ୍ୟବସାୟ ଯୋଗୁଁ କେତେ ଲାଭ ଓ କେତେ ସାମୁହିକ କ୍ଷତି ତା'ର ଆକଳନ କରିବାର ଆବଶ୍ୟକତା ଅଛି। ଯୁବବର୍ଗର ଆଖିରେ ଭବିଷ୍ୟତ କର୍ମ ସଂସ୍ଥାନର ଏକ ସ୍ୱପ୍ନ ତିଆରି ନକଲେ ନିଶାର କବଳରୁ ଏମାନଙ୍କୁ କେହି ବଞ୍ଚାଇ ପାରିବେ ନାହିଁ। ନିକଟରେ ଆମର କେନ୍ଦ୍ରମନ୍ତ୍ରୀଙ୍କର କୋହଭରା ଉକ୍ତିକୁ ମଧ୍ୟ ବିଚାରକୁ ନିଆଯାଇପାରେ- ଯାହାକି ଏବେ ଘରଘରର କାହାଣୀ ଅଟେ। ଯୁବସମାଜକୁ କର୍ମଠ, କୁଶଳୀ ଏବଂ ରୋଜଗାର କ୍ଷମ କରିବାର ପ୍ରୟାସ ସେମାନଙ୍କର ଛାତ୍ରାବସ୍ଥାରୁ ଆରମ୍ଭ ନକଲେ ଖାଲିଥିବା ମନରେ ଶୈତାନ ପ୍ରବେଶ କରି ସେମାନଙ୍କୁ ବିପଥଗାମୀ କରିବ ନିଶ୍ଚୟ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଦାରିଦ୍ର୍ୟରୁ ଉଦ୍ଧାର କରିବାର ବାଟ କ'ଣ ମାଗଣା ଚାଉଳ ?

**ପଞ୍ଚାନନ କାନୁନ୍‌ଗୋ**

ଏମଧ୍ୟରେ ଭାରତ ସରକାର ଦେଶରେ ପ୍ରାୟ ଅଶି କୋଟି ଅର୍ଥାତ୍ ସମୁଦାୟ ଲୋକସଂଖ୍ୟାର ୪୭% ଲୋକଙ୍କୁ ମାଗଣାରେ ଚାଉଳ ଯୋଗାଣ ଘୋଷଣା କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି। ଅନେକ ରାଜ୍ୟ ସରକାର ଲୋକଙ୍କୁ ଅନେକ ବ୍ୟବହାର୍ଯ୍ୟ ପଦାର୍ଥ ମାଗଣା ଯୋଗାଇ ଦେବାର ଘୋଷଣା କରିବାର ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି। ଏହା ଲୋକଙ୍କୁ କେତେ ସହାୟତା କରୁଛି ତା ବଡ଼ ପ୍ରଶ୍ନ ନୁହେଁ, ସରକାରଙ୍କୁ ଭୋଟ ଯୋଗାଡ଼ କରିବାରେ ବେଶ ସାହାଯ୍ୟ କରୁଥିବା ଦେଖାଯାଉଛି। ଋଣ ଛାଡ଼, ମାଗଣା ଚାଉଳ ଯୋଗାଣ ଦେଶ ତମାମ ବଡ଼ ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବରୁ ବହୁ ବର୍ଷ ଧରି ଦେଶରେ ଥିବା ସରକାରମାନେ ଅନେକ ବ୍ୟବସ୍ଥାରେ ରିହାତି ଦେବାର ବ୍ୟବସ୍ଥା ଚାଲୁ ରଖିଥିଲେ। ପେଟ୍ରୋଲ, ଡିଜେଲ, କିରୋସିନି, ଗ୍ୟାସ, ଖାଦ୍ୟ ଯୋଗାଣ, ଚାଷୀଙ୍କୁ ସାର ଆଦି ଯୋଗାଣରେ ରିହାତି ବ୍ୟବସ୍ଥା ଚାଲୁ ରହିଥିଲା। ଏହି ରିହାତି କେନ୍ଦ୍ରୀୟ ବଜେଟରେ ଅନେକ ଚାପ ସୃଷ୍ଟି କରୁଛି ଓ ଦେଶର ଅର୍ଥନୀତିକୁ ବିପର୍ଯ୍ୟୟମୁଖୀ କରୁଥିବାର ଚର୍ଚ୍ଚା ହେଉଥିଲା। ତେଣୁ ରିହାତି ବନ୍ଦ କରିବା ନିମନ୍ତେ ଉଦ୍ୟମ ଆରମ୍ଭ ହେଲା। ମାତ୍ର ଯେଉଁମାନେ ରିହାତି ଉଠାଇବା ସପକ୍ଷରେ ମତ ଦେଉଥିଲେ ସେମାନେ ସରକାରଙ୍କୁ ଆସୁ ଆସୁ ମାଗଣା ଦେବାର ଘୋଷଣା ଓ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଏହା ଦେଶର ଦାରିଦ୍ର୍ୟ ଦୂର କରିବା ପରିବର୍ତ୍ତେ ଭିକାରୀ ପ୍ରତିଯୋଗିତା ସୃଷ୍ଟି କରିଛି।

ଗରିବୀ ଦୁଇ ଭାବରେ ବିଦ୍ୟମାନ। ଗୋଟିଏ ମନସ୍ତାତ୍ତ୍ୱିକ, ଅନ୍ୟଟି ପାରିପାର୍ଶ୍ୱିକ। ଅନ୍ୟ ଅର୍ଥରେ ଗୋଟିଏ ମାନସିକ ପ୍ରତିଫଳନ ଓ ଅନ୍ୟଟି ବାହ୍ୟ ଆଚରଣରେ ପ୍ରତିଫଳିତ ଓ ଦୃଶ୍ୟମାନ। ପ୍ରଥମେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ଗରିବୀ' କ'ଣ ତାହା ବିଚାର କରାଯାଉ। ଏହି ମନସ୍ତାତ୍ତ୍ୱିକ ଦାରିଦ୍ର୍ୟ ଭାବ ମଣିଷ ଭିତରେ କେବେଠାରୁ ପରିଲକ୍ଷିତ ହେଲା ତାହା ନିର୍ଣ୍ଣୟ କରିବା କଷ୍ଟକର। ବସ୍ତୁ ପରିଚୟ ଓ ବସ୍ତୁନିଷ୍ଠ ହେବା ପରେ ମଣିଷ ଭିତରେ ଗୋଟିଏ ଆବଶ୍ୟକତାର ଭାବନା ସୃଷ୍ଟି ହେଲା। ଯାହାର ଅଭାବରେ ମୁଁ ଦୁଃଖୀ, ମୁଁ ଗରିବ, ମୁଁ ହୀନଜନ, ମୁଁ ଭାଗ୍ୟହୀନ ଏଇ ଭାବଟି ମଣିଷ ଭିତରେ ଅଳ୍ପେ ବହୁତେ ଭରିଉଠିଲା। ଏହା ଏକ ମନସ୍ତାତ୍ତ୍ୱିକ ବିଚାର। ଆବଶ୍ୟକତାକୁ ଭିତ୍ତିକରି ମଣିଷର ବିଚାର ଦୃଢ଼ରୁ ଦୃଢ଼ତର ହେଲା। ଏହା ପୂରଣ ନହୋଇ ପାରିଲେ ଗୋଟିଏ ନିର୍ବଳଭାବ ଜାଗ୍ରତ ହେଲା। ଏଥିରୁ ମୁକୁଳିବା ପରିବର୍ତ୍ତେ "କ'ଣ କରିବି" ଦାରିଦ୍ର୍ୟ ପଞ୍ଚାକ୍ଷରୀ ଶବ୍ଦ ନିର୍ବଳ ମଣିଷ ମୁହଁରୁ ବାହାରି ଆସିଲା ଓ ମାନସିକ ସ୍ତରରେ ମଣିଷକୁ ଆବୋରି ବସିଲା। ପାରିପାର୍ଶ୍ୱିକ ଦାରିଦ୍ର୍ୟ ହେଉଛି ନିଜର, ନିଜ ପରିବାରର ଓ ପରିବାର ଚତୁଃପାର୍ଶ୍ୱରେ ଥିବା ଲୋକଙ୍କର ଅଭାବ ଅନଟନ, ଆବଶ୍ୟକତାର ବାସ୍ତବ ସ୍ଥିତିକୁ ନେଇ ଆକଳନ। ଏହା ଦୃଶ୍ୟମାନ। ଖାଇବା, ପିନ୍ଧିବା, ରହିବା, ଶିକ୍ଷା, ଚିକିତ୍ସାରେ ଏହାର ପ୍ରତିଫଳନ ଘଟିଥାଏ ଓ ସାଧାରଣ ଭାବେ ଚିହ୍ନିତ ହୋଇଥାଏ। ହେଲେ ସ୍ଥଳ ଓ ମଣିଷର ଆବଶ୍ୟକତା ବିଶେଷରେ ଏହାର ମାତ୍ରା କମ୍ ବେଶି ହୋଇଥାଏ। ପାରିପାର୍ଶ୍ୱିକ ସ୍ଥିତି ଦୃଷ୍ଟିରୁ ଭାରତ ବିଶ୍ୱରେ ହୁଏତ ଦରିଦ୍ରତମ ଶ୍ରେଣୀ ଅନ୍ତର୍ଭୁକ୍ତ। କିନ୍ତୁ ଓଡ଼ିଶାର ଲୋକେ ସମଗ୍ର ଭାରତର ଜନଗଣଙ୍କ ମଧ୍ୟରେ ଉଭୟ ଦୃଷ୍ଟିରୁ ଯଥା ମାନସିକତା ଓ ପାରିପାର୍ଶ୍ୱିକ ସ୍ଥିତିରୁ ଅତି ନିଉଛୁଣିଆ ଅବସ୍ଥାରେ ଥିବାର ଲକ୍ଷ୍ୟ କରାଯାଏ।

ଅନେକ ଘାତ ପ୍ରତିଘାତ ମଧ୍ୟରେ ଓଡ଼ିଶାର ଆର୍ଥିକ ସ୍ଥିତି ସପ୍ତଦଶ ଶତାବ୍ଦୀରୁ ଖରାପ ଆଡ଼କୁ ଗତିକରି ଯାଇଥିଲା। ମରାଠା, ମୋଗଲ, ପଠାଣମାନଙ୍କ ଅତିଶୟ ଶୋଷଣ ହେତୁ ମୁଖ୍ୟତଃ ଏପରି ଘଟିଥିଲା। ଉନ୍ନବିଂଶ ଶତାବ୍ଦୀ ବେଳକୁ ବିଦେଶୀ ଔପନିବେଶୀୟ ଶାସନ ପ୍ରଭାବରେ ଦାରିଦ୍ର୍ୟ ଓ ଅଭାବୀ ବୃଦ୍ଧି ପାଇଥିଲା। ଏହାର କ୍ରମବର୍ଦ୍ଧିଷ୍ଣୁ ସ୍ଥିତି ପାଇଁ ସମଗ୍ର ରାଜ୍ୟ ଓ ଏହାର ଅଧିବାସୀ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାରେ ଲାଗିଲେ। ହେଲେ ୧୮୬୬ର ନଅଙ୍କ ଦୁର୍ଭିକ୍ଷ ପରେ ଏ ରାଜ୍ୟର ମଣିଷଗୁଡ଼ାକ ମାନସିକ ସ୍ତରରେ ଅଧିକ ଦରିଦ୍ର ହୋଇଗଲେ। ତାଙ୍କ ଭିତରେ ଏ ଦାରିଦ୍ର୍ୟର ଛାପ ଉତ୍କଟ ଥିବାବେଳେ ତିନି ଜଣ ଜନନାୟକ ଓଡ଼ିଆ ଜାତି ଭିତରର ଅସ୍ତିବାଚକ ସ୍ୱଭାବକୁ ଠାବ କଲେ। ଜଣେ ଥିଲେ ଦେଶର ଶ୍ରେଷ୍ଠ ଦାର୍ଶନିକ ଜନନାୟକ ମହାତ୍ମା ଗାନ୍ଧି। ସମସ୍ତ ଅଭାବ ଭିତରେ ହାଡ଼ କଙ୍କାଳ ସାର ଏ ରାଜ୍ୟର ମଣିଷ ହାତଟେକି ଦାନ କରୁଥିବାର ଦେଖିଲେ। ଗାନ୍ଧିଜୀ ନିଜର ଅନୁଭବ ଓ ଅଭିଜ୍ଞତାରୁ ଜାଣିଗଲେ ଯେ ଏଠାକାର ଲୋକେ ଦରିଦ୍ର ସତ ତଥାପି ଏମାନଙ୍କ ମଧ୍ୟରେ ହାତଟେକି ସାହାଯ୍ୟ କରିବାର ପ୍ରବୃତ୍ତି ଅଛି। ନିଜର ଅଜ୍ଞାତରେ ସେମାନେ କ୍ଷୁଦ୍ର ବା ହୀନ ନୁହଁନ୍ତି ବୋଲି ପରିଚୟ ରଖୁଛନ୍ତି। ଏମାନଙ୍କୁ ସାହସ ଦେଲେ ଏମାନେ ଉଠି ବସିବେ। ଏମାନେ ସୁଯୋଗ ପାଇଲେ ଅଷ୍ଟାସଲଖି ଛିଡ଼ା ହେବେ। ସେ ସମୟରେ ଗୋପବନ୍ଧୁ ଦାସ ଦରିଦ୍ର ଓ ନିରନ୍ନ, ବୁଭୁକ୍ଷୁ ତଥା ବନ୍ୟା ଓ ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ ପାଇଁ ଗାନ୍ଧିଜୀଙ୍କଠାରୁ ସାହାଯ୍ୟ ଭିକ୍ଷା କରୁଥାନ୍ତି। ଗାନ୍ଧିଜୀ ଠକ୍କର ବାପାଙ୍କୁ ପଠାଇ ସାହାଯ୍ୟର ପେଡ଼ି ଖୋଲି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଗାନ୍ଧିଜୀ ନିଜର ଅଭିଜ୍ଞତା ଓ ଅନୁଭବକୁ ନେଇ ତିଆରି କଲେ ନୂଆ କୌଶଳ। ଗୋପବନ୍ଧୁଙ୍କ ପ୍ରସ୍ତାବ- ପ୍ରପୀଡ଼ିତଙ୍କୁ ସାହାଯ୍ୟ ଦେବା ପରିବର୍ତ୍ତେ "ଚରଖା ରିଲିଫ୍"ର ପ୍ରଚଳନ ପାଇଁ ପ୍ରସ୍ତାବ ରଖିଲେ ଓ କାର୍ଯ୍ୟକ୍ରମ ଆରମ୍ଭ କଲେ। ସେଥିପାଇଁ ଆର୍ଥିକ ସହାୟତାର ମଧ୍ୟ ବନ୍ଦୋବସ୍ତ କଲେ। ଲୋକଙ୍କ ଭିତରେ ଆତ୍ମବଳ ଓ ଆତ୍ମବିଶ୍ୱାସ ଜଗାଇ ଦାରିଦ୍ର୍ୟ – ଦୁର୍ବଳତା ହଟାଇବା ଥିଲା ତାଙ୍କର ଉଦ୍ଦେଶ୍ୟ।

ଆଉ ଜଣେ ଥିଲେ ଓଡ଼ିଆ ଜାତିର ମହାନାୟକ ମଧୁସୂଦନ ଦାସ। ସେ ଓଡ଼ିଆ ଲୋକଙ୍କ ମାନସିକତାକୁ ଲକ୍ଷ୍ୟ କଲେ। ଏମାନଙ୍କ ମନୋବଳ ବୃଦ୍ଧି ସହିତ ଦାରିଦ୍ର୍ୟ ରୂପକ ରୋଗରୁ ମୁକ୍ତ କରି ଏକ କର୍ମଠ, ସମୃଦ୍ଧ ମହାନଜାତି ତିଆରି କରିବାର ପ୍ରୟାସ କଲେ। ଏଠିକାର ମଣିଷ ଭିତରେ ଥିବା କର୍ମ ନିପୁଣତା, କୌଶଳୀ ଭାବ, କାରିଗରୀ ବୁନିଆଦି ଠାବ କରି ଯୋତା ତିଆରି କାରଖାନା, ସୁନା ରୂପା ତାରକସୀ ଶିଳ୍ପ, ବୟନ ଶିଳ୍ପ ସହିତ କୃଷିକାର୍ଯ୍ୟରେ ଆଧୁନିକତାର ସ୍ପର୍ଶ ଦେଇ ଅନେକ କାର୍ଯ୍ୟ କଲେ। ନିଜେ ନିଜର ଶକ୍ତି ସାମର୍ଥ୍ୟ ବୃଦ୍ଧି କରିବା ସମ୍ଭବ ବୋଲି ଗୋଟିଏ ପ୍ରତ୍ୟୟ ସୃଷ୍ଟି କରିବାକୁ ଚେଷ୍ଟାକଲେ। ସେହିପରି ଏ ରାଜ୍ୟର ରୁଗ୍ଣ ଅଭାବୀ ମଣିଷ ଯେ ଅତ୍ୟନ୍ତ ଶକ୍ତିଶାଳୀ ଏକଥା ଚେତେଇ ଦେଇଥିଲେ ଜଣେ ଇଂରେଜ ପ୍ରଶାସକ। ତାଙ୍କ ନାମ ଜନ୍ ବୀମ୍ସ। ସେ କହିଲେ- ଏ ଜାତିର ବଳିଷ୍ଠ ଐତିହ୍ୟ ଅଛି, ଏମାନେ ସମସ୍ତେ କର୍ମଠ ବୋଲି ସୂଚେଇ ଦେଲେ। ଏମାନଙ୍କର ଶକ୍ତି ସାମର୍ଥ୍ୟ ଅଛି। ତାହା ଶୁପ୍ତ, ଜାଗ୍ରତ କରିବା ଓ କରାଇବା ଆବଶ୍ୟକ।

ଗୋଟିଏ ପକ୍ଷରେ ବୁଝିବାକୁ ଗଲେ ଏହି ତ୍ରୟଙ୍କ ମାର୍ଗ ଦର୍ଶନ ଏକ ଥିଲା, ସବୁ କିଛି କରିପାରିବାର ପ୍ରତ୍ୟୟ ସୃଷ୍ଟିକରିବା ଏହାଙ୍କର ଲକ୍ଷ୍ୟ ଥିଲା। ହେଲେ ସେମାନଙ୍କର ଉଦ୍ୟମ ବିଶେଷ ଫଳପ୍ରଦ ହେଲାନାହିଁ। ଅନ୍ୟପକ୍ଷରେ ରିଲିଫ୍ ବାଣ୍ଟିବା, ହାତପାତି ନେବାର ସ୍ୱଭାବକୁ ଧରିରଖିବା ପାଇଁ ଅନ୍ୟ କିଛି ନେତାଙ୍କର କାର୍ଯ୍ୟ ଏ ଜାତିର ମାନସିକ ଦାରିଦ୍ର୍ୟକୁ ବଢ଼ାଇ ଦେବାରେ ସାହାଯ୍ୟ କଲା ସିନା ପାରିପାର୍ଶ୍ୱିକ ଦାରିଦ୍ର୍ୟ କମାଇଲା ନାହିଁ। ଅପରପକ୍ଷରେ ନେତା ଓ ନେତୃତ୍ୱର ବିଚାର ରୁଗ୍ଣ ମାନସିକତାକୁ ଅଧିକ ରୁଗ୍ଣ କରି ଗଢ଼ି ତୋଳିଲା। ଫଳସ୍ୱରୂପ ରାଜ୍ୟ ଓ ରାଜ୍ୟବାସୀ ଦରିଦ୍ର ହେବାରେ ଲାଗିଲେ।

ଏହି ମନସ୍ତତ୍ତ୍ୱଟି ଅପସରି ଯିବ ଯଦି ଦୁନିଆର ଦୌଡ଼ରେ ସମଗ୍ର ରାଜ୍ୟ ଓ ତା'ର ଅଧିବାସୀଙ୍କୁ ସାମିଲ କରି ଦିଆଯିବ। ଏହି ଦୌଡ଼ରେ ସାମିଲ କରିବା ପାଇଁ ପ୍ରଥମେ ପ୍ରତ୍ୟେକ ବ୍ୟକ୍ତି ଭିତରେ ଓ ତା'ର ଚତୁଃପାର୍ଶ୍ୱରେ ଅସ୍ତିବାଚକ ଶକ୍ତି ବୃଦ୍ଧି ଘଟାଇବା ଦରକାର ଓ ଶକ୍ତିବୃଦ୍ଧି କେବଳ ସମ୍ଭବ ହେବ ରାଜ୍ୟରୁ ଅଭାବୀ ଓ ଆର୍ଥିକ ଦାରିଦ୍ର୍ୟ ଦୂର ହେଲେ। ଏ ସମସ୍ତର ବିଚାର କରିବାର ସମୟ ଆସିଛି। 'ଦାରିଦ୍ର୍ୟ' ଅର୍ଥନୈତିକ ଦୃଷ୍ଟିକୋଣରୁ ଚିହ୍ନଟ ହେବା ଦରକାର ଓ ଏହାର କାରଣ ସମୂହ ମଧ୍ୟ ନିର୍ଣ୍ଣିତ ହେବା ଦରକାର। ଏହା ହୋଇପାରିଲେ ସହଜରେ ଓ ନିର୍ଦ୍ଦିଷ୍ଟ ସମୟସୀମାରେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହେବ। ନିଜ ଶକ୍ତିବଳରେ ବସ୍ତୁ-ଅଭାବ ଦୂର ହେଲେ ରୁଗ ?ଣ ମାନସିକତା ମଧ୍ୟ ସୁସ୍ଥ ହୋଇପାରିବ।

ଏହାର ସିଦ୍ଧାନ୍ତ ହେଉଛି ସକାରାତ୍ମକ ଭାବନା 'ହଁ, ଆମେ କରି ପାରିବା'। ଦୋଷ ବା ତ୍ରୁଟି ଆମ କାର୍ଯ୍ୟ ପଦ୍ଧତି ବା ସିଦ୍ଧାନ୍ତରେ ହିଁ ରହିବାର ଆଶଙ୍କା ରହିଛି। ଏହାର ସଂଶୋଧନ ଆମେ ହିଁ କରି ପାରିବା। ଏହାକୁ ସହଜଲବ୍ଧ କରିବା ନିମନ୍ତେ ଗୋଟିଏ କୌଶଳ ଅବଲମ୍ବନ କରିବା ଦରକାର। ଏହି କୌଶଳର ଉଦ୍ଭାବକ ମଣିଷ ବା ବ୍ୟକ୍ତି ନିଜେ। ଗୋଟିଏ ବାଡ଼ି ବା ଦଣ୍ଡ ସାହାଯ୍ୟରେ ପୃଥିବୀ ପରି ବିରାଟକାୟ ବ୍ୟବସ୍ଥାକୁ ଘୁଞ୍ଚାଇ ଦେଇହେବ। ସବୁଠାରୁ ବେଶୀ ଆବଶ୍ୟକ ହେଉଛି ପୃଥିବୀ-ମୁକ୍ତ ଏକ ସ୍ଥାନ ଦରକାର। ଯେଉଁଠାରୁ ଦଣ୍ଡଟିକୁ ବ୍ୟବହାର କରିହେବ। ଏହି ସକାରାତ୍ମକ ଭାବନାକୁ ନିଜର କରି ସମାଜ, ସଭ୍ୟତା, ବ୍ୟକ୍ତି ଆଗେଇ ଚାଲିଲେ ଏବଂ କୌଶଳ ଅବଲମ୍ବନ କଲେ ସବୁକିଛି ସମ୍ଭବ ହେବ।

ବ୍ୟକ୍ତି ମଧ୍ୟରେ ଅସରନ୍ତି ନକାରାତ୍ମକ ଭାବନା ଭରି ରହିଛି। ଏ ସମ୍ପର୍କରେ ଅନେକ ଦାର୍ଶନିକ ଆଲୋଚନାମାନ ଉପସ୍ଥାପନ କରିଛନ୍ତି। ଏହି ଭାବନାରୁ ଜନ୍ମ ନେଇଥାଏ "କ'ଣ କରିବା", "ହୋଇ ପାରିବ ନାହିଁ", "ନ ହେବାର କାରଣ ମୁଁ ନୁହେଁ।" ଏହି ନକାରାତ୍ମକ ଭାବନା ଦୂର କରିବା ବା ଗୌଣ କରିବା ସହିତ ମଣିଷ ତାର ଆବଶ୍ୟକତା ପୂରଣ ନିମନ୍ତେ ଅନନ୍ତ କାଳରୁ ବିକଳ୍ପ ବ୍ୟବସ୍ଥା ବା ନୂଆ ନୂଆ ପଦ୍ଧତି କାଢ଼ିବା ପାଇଁ ବାଧ୍ୟହୋଇ ଚାଲିଛି। ନଚେତ୍ ସେ କେବେଠୁଁ ହତାଶା ଓ ନିରାଶା ମଧ୍ୟରେ ଲୀନ ହୋଇଯାଇଥାନ୍ତା। ବ୍ୟକ୍ତି ପ୍ରଥମେ ବଂଚିବା ପାଇଁ ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛି। ବାସସ୍ଥାନ ବା ପୋଷାକ ଦ୍ୱିତୀୟ ଓ ତୃତୀୟ ଆବଶ୍ୟକ ପର୍ଯ୍ୟାୟଭୁକ୍ତ ହୋଇଛି। କିନ୍ତୁ ସବୁ କ୍ଷେତ୍ରରେ ତା'ର ହଁ ନାମକ ସଂକଳ୍ପ ହିଁ ତାକୁ ନୂତନ ଆବିଷ୍କାରର ପଥ ଦେଖାଇଛି। ଅବଶ୍ୟ ଏଥିରେ ତାକୁ ଅନେକ ବାଛବିଚାର ସହିତ କାର୍ଯ୍ୟ କରିବାକୁ ପଡ଼ିଛି। ଏଇଟା ଭଲ ନୁହେଁ, ଏହାକୁ ତ୍ୟାଗ କରିବା ଦରକାର, ଏଇଟା ସହଜ ଲବ୍ଧ, ଏହାକୁ ତୁରନ୍ତ ଗ୍ରହଣ କରିବା ଦରକାର, ଏଇଟା କେବଳ ସହଜ ଲବ୍ଧ ନୁହେଁ, ଅଧିକ ଉପଯୋଗୀ ଓ ଖାଦ୍ୟ ପାଇଁ ଉପଯୋଗୀ ବା ସ୍ୱାଦିଷ୍ଟ ଏହିପରି ବିଚାର କରିବା ଓ ବାଛିବା ପ୍ରକ୍ରିୟା ଭିତରେ ବ୍ୟକ୍ତି ଆଗେଇଛି ଓ ଖାଦ୍ୟ ଆପଣେଇ ଚାଲିଛି। ଉପଲବ୍ଧରୁ ଉପଲବ୍ଧକୁ ଗ୍ରହଣ କରି ଚାଲିଛି। ଅନୁଭବ ଓ ଅନୁମାନ ମଧ୍ୟରେ ତାର 'ହଁ ବାଚକ' ସ୍ୱଭାବ ବା ସିଦ୍ଧାନ୍ତ ଅନେକ ଉଦ୍ଭାବନ ବା ଆବିଷ୍କାର ଆଣି ଦେଇଛି। ଏଥିରେ କେବଳ 'ହଁ' ଭାବଟି ହିଁ ତା'ର ବିଚାର, ତା'ର ଉଦ୍ଭାବନ, ତା'ର ଆବିଷ୍କାରକୁ ତା' ସାଥିରେ ବହନ କରିବାରେ ସାହାଯ୍ୟ କରିଛି ଏବଂ ଅନେକ ପରୀକ୍ଷା ନିରୀକ୍ଷା ଭିତର ଦେଇ ଏହି ପ୍ରକ୍ରିୟାକୁ ଅଧିକରୁ ଅଧିକ ସହଜଲବ୍ଧ, ଆବଶ୍ୟକତା ଉପଯୋଗୀ କରି ଗଢ଼ି ତୋଳିଛି। ଲଙ୍ଗଳା, ଫୁଙ୍ଗୁଳା ଦେହରେ କ୍ଷୁଧାର୍ତ୍ତ, ତୃଷାର୍ତ୍ତ ମଣିଷ ଖାଦ୍ୟ ଓ ପାନୀୟ ଯୋଗାଡ଼ କରୁକରୁ ଅସହ୍ୟ ଉତ୍ତାପ, ଦୁଃଷଣ ବର୍ଷା, ଦେହଥରା ଶୀତ ଦାଉରୁ ରକ୍ଷା ପାଇବାର ସୂତ୍ର ଆପେ ଆପେ ଆବଶ୍ୟକତା ତଥା ସହଜ ଉପଲବ୍ଧ ଭିତ୍ତିରେ ପାଇଛି। ସେ ନା' ରୂପକ ନକାରାତ୍ମକ ଭାବଟି ପରିହାର କରି ଖୋଲ ବା ଗୁମ୍ଫା ଭିତରକୁ ପଶିଯାଇଛି। ହଁ, ଏଇଠି ହିଁ ଶୀତ ବା ବର୍ଷା ଦାଉରୁ ଅବା ବନ୍ୟଜନ୍ତୁଙ୍କ ଆକ୍ରମଣରୁ ବଞ୍ଚି ହେବ ବୋଲି ଦେଖିଛି। କୌଶଳ ଅବଲମ୍ବନ କରିଛି।

**ଭୁବନେଶ୍ୱର**

# ଅନୁଭବଙ୍କୁ ୫ବର୍ଷ କାମ କରାଇ ଦେଇନଥିଲେ, ଏବେ ବୈଜୟନ୍ତଙ୍କ ମୁଣ୍ଡରେ ଦୋଷ ଲଦୁଛି ବିଜେଡି: ବିଜେପି

ଭୁବନେଶ୍ୱର (ଭିଓଭି): ରାଜ୍ୟରେ ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ମଇଦାନ ସରଗରମ ସହ ନେତାମାନଙ୍କ ମଧ୍ୟରେ ବ୍ୟକ୍ତିଗତ ଆରୋପ ପ୍ରତ୍ୟାରୋପ ବଢ଼ିଚାଲିଛି। ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେନ୍ଦ୍ରାପଡ଼ାରେ ନିର୍ବାଚନୀ ସଭାରେ ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଆକ୍ଷେପ କରି ବ୍ୟକ୍ତିଗତସ୍ତରରେ ତାଙ୍କର କୁତ୍ସାରଟନା କରିବାକୁ ପଛାଇ ନାହାନ୍ତି। ପୂର୍ବରୁ ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନ କେନ୍ଦ୍ରାପଡ଼ାରେ ନିର୍ବାଚନୀ ପ୍ରଚାରରେ କହିଥିବା କଥାକୁ ନବୀନ ଦୋହରାଇଛନ୍ତି। ତେବେ ୨୦୧୯-୨୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାରୁ ଦଳୀୟ ସାଂସଦ ଥିବା ଅନୁଭବ ମହାନ୍ତିଙ୍କୁ କାହିଁକି ବିଜେଡି କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ବିକାଶ ଦିଗରେ କାମ କରିବାର ସୁଯୋଗ ଦେଇନଥିଲା ଓ ପ୍ରତିବନ୍ଧକ ସୃଷ୍ଟି କରିଥିଲା ସେ ନେଇ ନବୀନ କିମ୍ବା ପାଣ୍ଡିଆନ ମୁହଁ ଖୋଲିନାହାନ୍ତି। ଏପରିକି ଅନୁଭବ ଖୋଲାଖୋଲି ବିଜେଡି ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦାୟୀ କରିଥିଲେ ମଧ୍ୟ ନବୀନ ଓ ପାଣ୍ଡିଆନ ସେନେଇ ନିରବ ରହିଛନ୍ତି, ଓଲଟା ୨୦୦୯-୧୯ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସାଂସଦ ଥିବା ବୈଜୟନ୍ତଙ୍କୁ କଟୁ ସମାଲୋଚନା କରିଛନ୍ତି, ଯାହାକି ନବୀନ ଓ ପାଣ୍ଡିଆନଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି ବୋଲି ବିଜେପି ଅଭିଯୋଗ କରିଛି।




କେନ୍ଦ୍ରାପଡ଼ାରେ ନିର୍ବାଚନୀ ସଭାରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ନାଁ ନନେଇ ବ୍ୟକ୍ତିଗତସ୍ତରରେ ତାଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଛନ୍ତି। ଏପରିକି ୪ଦିନ ପୂର୍ବରୁ ପାଣ୍ଡିଆନ କେନ୍ଦ୍ରାପଡ଼ାରେ ବୈଜୟନ୍ତଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନବୀନ ଦୋହରାଇବା ସହ କୁତ୍ସାରଟନା କରିବାକୁ ପଛାଇନାହାନ୍ତି। ନବୀନ କହିଥିଲେ ଯେ, " ଜଣେ ବ୍ୟକ୍ତିଙ୍କୁ ୧୦ବର୍ଷ ଧରି କେନ୍ଦ୍ରାପଡ଼ାର ସାଂସଦ କଲି। ସେ ନିଜ କମ୍ପାନୀକୁ ଲାଭ ଦେଇ ମୋ ସହ ଓ କେନ୍ଦ୍ରାପଡ଼ାବାସୀଙ୍କ ସହ ବିଶ୍ୱାସଘାତକତା କରିଥିଲେ।' ସେହିପରି ପାଣ୍ଡିଆନ କହିଥିଲେ ଯେ କେନ୍ଦ୍ରାପଡ଼ାର ସାଂସଦ ହେବାପରେ ତାଙ୍କ ପରିବାର ମାଲିକାନାରେ ଥିବା କମ୍ପାନୀର ଲାଭ କେତେ ହୋଇଛି। ପାର୍ଲାମେଂଟ ଫାଇନାନ୍ସ କମିଟିରେ ସଦସ୍ୟ ଥିବାବେଳେ ନିଜ କମ୍ପାନୀର ହଜାର ହଜାର ଟଙ୍କାର ଋଣ ଛାଡ଼ କରିଥିଲେ। ନିଜ କମ୍ପାନୀ ପାଇଁ ରେଲୱେ ସାଇଡିଂ ଆଣି କେନ୍ଦ୍ରାପଡ଼ାକୁ ଭୁଲିଗଲେ। ପାର୍ଲାମେଣ୍ଟ ଫାଇନାନ୍ସ କମିଟିର ଅଧ୍ୟକ୍ଷ ଦାୟିତ୍ୱ ନମିଳିବାରୁ ରାଗ ରଖି ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟକୁ ନେଇ ସେ ନିଜ ଟିଭି ଚ୍ୟାନେଲ ମାଧ୍ୟମରେ ଗୁଜବ ସୃଷ୍ଟି କଲେ ବୋଲି ପାଣ୍ଡିଆନ ଅଭିଯୋଗ କରିଛନ୍ତି।

ତେବେ ୨୦୧୯-୨୦୨୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ଦଳୀୟ ସାଂସଦ ଅନୁଭବ ମହାନ୍ତି ବିଜେଡି ଛାଡ଼ିବାର ପ୍ରାୟ ଦେଢ଼ମାସ ପରେ ବିଜେଡି ନେତୃତ୍ୱ ଓ ପାଣ୍ଡିଆନଙ୍କ ସମ୍ପର୍କରେ ଯେଉଁସବୁ ଅଭିଯୋଗ ସବୁ ଆଣିଥିଲେ ସେନେଇ ଉଭୟ ନବୀନ ଓ ପାଣ୍ଡିଆନ ମୁହଁ ଖୋଲିନାହାନ୍ତି । ଅନୁଭବଙ୍କୁ ଭେଟିବାର ସୁଯୋଗ ନମିଳିବା, କେନ୍ଦ୍ରାପଡ଼ାରେ ତାଙ୍କ ସାଂସଦ ପାଣ୍ଠିର ଫାଇଲଗୁଡ଼ିକ ଜିଲ୍ଲାପାଳ ଅଫିସରେ ମାସମାସ ଧରି ପଡ଼ିରହିବା, ସେ ସାଂସଦ ହୋଇମଧ୍ୟ କେନ୍ଦ୍ରାପଡ଼ା ଯିବା ପାଇଁ ତାଙ୍କୁ ବାରଣ କରାଯିବା, କେନ୍ଦ୍ରାପଡ଼ାବାସୀଙ୍କ ସେବାରୁ ତାଙ୍କୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦିଆଯିବା, ଏପରିକି କେନ୍ଦ୍ରାପଡ଼ାରେ ସ୍ୱାସ୍ଥ୍ୟସେବାର ଅଚାନକ ଯାଂଚ କରିବା ଆଦି କରି ସେ ବିଜେଡି ତଥାକଥିତ ନେତୃତ୍ୱଙ୍କ କୋପଦୃଷ୍ଟିରୁ ଶିକାର ହୋଇଥିଲେ। ଆଉ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କେନ୍ଦ୍ରାପଡ଼ାବାସୀଙ୍କଠୁ ଦୂରେଇ ଦେବାର ଷଡ଼ଯନ୍ତ୍ର ହୋଇଥିଲା ବୋଲି ଅନୁଭବ ଅଭିଯୋଗ କରିଥିଲେ । ତେବେ ଜଣେ ନିର୍ବାଚିତ ଜନପ୍ରତିନିଧି ଅନୁଭବ ମହାନ୍ତିଙ୍କ ଏଭଳି ଅଭିଯୋଗର କୌଣସି ଜବାବ ନବୀନ କିମ୍ବା ପାଣ୍ଡିଆନ ରଖିନାହାନ୍ତି।

ଆଉ କେନ୍ଦ୍ରାପଡ଼ାରେ ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତଙ୍କୁ ଟାର୍ଗେଟ୍ କରିବାବେଳେ ନିଜେ କେନ୍ଦ୍ରାପଡ଼ାକୁ ରେଲଲାଇନ ଯିବାର ଶ୍ରେୟ ବୈଜୟନ୍ତଙ୍କୁ ଦେବାକୁ ବିଜେଡି ନେତୃତ୍ୱ ବାଧ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ଶିଳ୍ପ ସ୍ଥାପନ ପାଇଁ ଦୀର୍ଘବର୍ଷ ଧରି ବୈଜୟନ୍ତ ହିଁ ପ୍ରୟାସ କରିଥିଲେ ତଥା କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରର ବିନା ପ୍ରୟାସରେ କେନ୍ଦ୍ରାପଡ଼ାଠାରେ ଆନ୍ତର୍ଜାତିକ କମ୍ପାନୀ ଦ୍ୱାରା ଏତେବଡ଼ ଶିଳ୍ପ ସ୍ଥାପନ ପ୍ରକ୍ରିୟା ଯେ ସହଜ ନୁହେଁ ତାହା ସହଜରେ ଅନୁମେୟ। ମାତ୍ର ନବୀନ ଓ ପାଣ୍ଡିଆନଙ୍କ ବ୍ୟକ୍ତିଗତ କୁତ୍ସାରଟନାକୁ ଜବାବ ରଖିଛନ୍ତି ବୈଜୟନ୍ତ। ପାଟକୁରାରେ ଏକ ନିର୍ବାଚନୀ ସଭାରେ ବୈଜୟନ୍ତ ଖୋଲାଖୋଲି କହିଛନ୍ତି ଯେ, ବହୁ ଦଶନ୍ଧି ଧରି ବିଜୁବାବୁଙ୍କ ଅମଳରୁ ତାଙ୍କ ପରିବାର ବ୍ୟବସାୟରେ ଅଛନ୍ତି। ତାଙ୍କ ପରିବାର ଉପରେ କେହି କେବେ ଆରୋପ ଲଗାଇନାହାନ୍ତି । ସମ୍ପତ୍ତି ହାସଲ କରିବାକୁ ସେ ରାଜନୀତିକୁ ଆସିନାହାନ୍ତି। ଲୋକଙ୍କ ପାଇଁ କାମ କରିବାକୁ ଓ ଲୋକଙ୍କ ସେବା କରିବାକୁ ରାଜନୀତିକୁ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଯାହା କହିଛନ୍ତି ତାହା ତାଙ୍କୁ କବଜାରେ ରଖିଥିବା ବ୍ୟକ୍ତିଙ୍କ ପ୍ରମ୍ପଟିଂ। ମୁଖ୍ୟମନ୍ତ୍ରୀ କିଛି ଇଆଡୁସିଆଡୁ ଅଭିଯୋଗ କରିଛନ୍ତି। ତାଙ୍କୁ ଦୋଷ ଦେଉନି। ଯେଉଁ ତାମିଲବାବୁ ତାଙ୍କୁ କବଜା କରିଛନ୍ତି ସେ ଯାହା କହୁଛନ୍ତି ନବୀନ ସେୟା ମାଇକରେ କହିଦେଉଛନ୍ତି। ନବୀନ ବାବୁ ଯାହାକୁ ଫାଇଭ-ଟି ଦେଇଛନ୍ତି ସେ ଫାଇଭ-ଟି ନାଁରେ ୫ଜଣ ତାମିଲ ଲୋକଙ୍କୁ ପୁରା ଓଡ଼ିଶା ବିକ୍ରି କରିଦେଇଛନ୍ତି। ସେମାନଙ୍କର ସମ୍ପତ୍ତି ଯାଞ୍ଚ କରନ୍ତୁ , ଆଉ ଓଡ଼ିଆ ଲୋକଙ୍କୁ ସେହି ସମ୍ପତ୍ତି ଫେରସ୍ତ କରାଯାଉ।

ଓଡ଼ିଶାରେ ଉତ୍ପାଦିତ ବିଜୁଳି ଓଡ଼ିଶାରେ କାହିଁକି ବେଶୀ ଓ ତାମିଲନାଡୁ କିଣିକି ନେଇ ବି ସେଠାରେ କାହିଁକି କମ୍ ବୋଲି ବୈଜୟନ୍ତ ପ୍ରଶ୍ନ କରିଛନ୍ତି।

ତେବେ ବୈଜୟନ୍ତଙ୍କ ପାଲଟା ଶାଣିତ କଟାକ୍ଷ ପରେ ବିଜେଡି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ୫ ବର୍ଷରେ ୨୩ ଗୁଣା ବଢ଼ିଛି ସୌଭିକ୍ ବିଶ୍ୱାଲଙ୍କ ସଂପତ୍ତି

ଭୁବନେଶ୍ୱର (ଭିଓଭି): ବିଧାୟକ ଜିତିଗଲେ ଲାଗୁଛି ଲଟେରୀ, ବନୁଛନ୍ତି ମାଲାମାଲ ୫ ବର୍ଷରେ କିଏ କିଏ ଲକ୍ଷପତିରୁ କୋଟିପତି ବନୁଛନ୍ତି ତ ୧୦ ଗୁଣାରୁ ୨୩ ଗୁଣା ଯାଏଁ ବଢ଼ିଯାଉଛି କାହା କାହା ସଂପତ୍ତି ୨୦୧୯ରେ ବିଧାୟକ ଜିତିବା ପରେ ୨୦୨୪ରେ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୧୦୩ ବିଧାୟକ ପ୍ରାର୍ଥୀଙ୍କ ସତ୍ୟପାଠ ବିଶ୍ଲେଷଣରୁ ଏମିତି ତଥ୍ୟ ପାଇଛି ଏଡିଆର୍ ଓ ଓଡ଼ିଶା ଇଲେକ୍ସନ ୱାଚ୍। ଚୌଦ୍ୱାର-କଟକ ବିଜେଡି ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଲଙ୍କ ସମ୍ପତ୍ତି ଗତ ୫ ବର୍ଷରେ ୨ ହଜାର ୩୩୮ ପ୍ରତିଶତ ଅର୍ଥାତ୍ ୨୩ ଗୁଣାରୁ ଅଧିକ ବଢ଼ିଯାଇଛି।



୨୦୧୯ରେ ସୌଭିକଙ୍କ ସମ୍ପତ୍ତି ଥିଲା ମାତ୍ର ୨୦ ଲକ୍ଷ ୬୮ ହଜାର ଟଙ୍କା। ୨୦୨୪ରେ ଏହା ୫ କୋଟି ୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ରାଉରକେଲା ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ସମ୍ପତ୍ତି ମୂଲ୍ୟ ୨୦୧୯ରେ ୧୩ ଲକ୍ଷ ୩୦ ହଜାର ଟଙ୍କା ତୁଳନାରେ ୮ ଗୁଣାରୁ ଅଧିକ ବଢ଼ି ୧ କୋଟି ୨୧ ଲକ୍ଷ ଟଙ୍କା ହୋଇଛି। ସେହିପରି ଖଲିକୋଟ ବିଜେଡି ବିଧାୟକ ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟଙ୍କ ସମ୍ପତ୍ତି ୪୯୬ ପ୍ରତିଶତ ବଢ଼ିଥିବା ବେଳେ ମୋହନା କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥୀ ଗମାଙ୍ଗଙ୍କ ସମ୍ପତ୍ତି ୩୮୬ ପ୍ରତିଶତ, ଘଷିପୁରା ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପତ୍ତି ୩୦୬ ପ୍ରତିଶତ ବଢ଼ିଯାଇଛି।

ଖାଲି ସେତିକି ନୁହେଁ, ଚଳିତ ଥର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୧୨ ଜଣ ପ୍ରାର୍ଥୀ କୋଟିପତି। ୩୧୩ କୋଟି ୫୩ ଲକ୍ଷ ଟଙ୍କାର ସମ୍ପତ୍ତି ସହ ରାଉରାକେଲା ବିଜେପି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ରାୟ ସବୁଠୁ ଧନୀ ହୋଇଥିଲା ବେଳେ ୨୨୭ କୋଟି ୬୭ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ସହ ଚମ୍ପୁଆ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ଦ୍ୱିତୀୟ ଓ ୧୩୫ କୋଟି ୧୭ ଲକ୍ଷ ଟଙ୍କାର ସମ୍ପତ୍ତି ସହ ବସ୍ତା ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ହେଉଛନ୍ତି ତୃତୀୟ ଧନୀ। ଅପରପକ୍ଷେ ରାଜ୍ୟରେ ୫ ଜଣ ବିଧାୟକ ପ୍ରାର୍ଥୀ- ରମେଶ କୁମାର ମହାନନ୍ଦ, ପୂର୍ଣ୍ଣଚନ୍ଦ୍ର ମାଝୀ, ସୋହନ ସିପକା, ସଞ୍ଜୀୟ କୁମାର ଦାସ, ଗୋପାଳ କୃଷ୍ଣ ମହାନ୍ତିଙ୍କ ପାଖରେ ଫୁଟା କଉଡ଼ିଟିଏ ବି ନ ଥିବା ନିର୍ବାଚନୀ ସତ୍ୟପାଠରେ ଦର୍ଶାଯାଇଛି।

ରିପୋର୍ଟ କହୁଛି, ଚଳିତ ଥର ୨୭ ପ୍ରତିଶତ ଅର୍ଥାତ୍ ୩୪୮ ଜଣ ବିଧାୟକ ପ୍ରାର୍ଥୀଙ୍କ ନାମରେ ରହିଛି ଅପରାଧିକ ମାମଲା। ୨୯୨ ଜଣ ଅର୍ଥାତ୍ ୨୩ ପ୍ରତିଶତଙ୍କ ନାମରେ ଗୁରୁତର ଅପରାଧ ମାମଲା ଥିବା ବେଳେ ୬୬ ଜଣଙ୍କ ନାମରେ ମହିଳା ବିରୋଧୀ ମାମଲା ଅଛି। ୪ ଜଣଙ୍କ ନାମରେ ଧର୍ଷଣ ଭଳି ସଙ୍ଗୀନ ଅଭିଯୋଗ ଥିବା ୧୦ ଜଣଙ୍କ ନାମରେ ହତ୍ୟା, ୭୦ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରହିଛି। ଅନ୍ୟପକ୍ଷରେ ଚଳିତ ଥର ୧୪୮ ପ୍ରାର୍ଥୀ ଦଶମ ଡେଇଁ ନାହାନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ବିଧାୟକ ପ୍ରାର୍ଥୀ ଆଦୌ ସ୍କୁଲ ହତା ମାଡ଼ି ନ ଥିବା ବେଳେ ୧୨ ଜଣ ଅତିବେଶିରେ ଚତୁର୍ଥ ଶ୍ରେଣୀ ଯାଏଁ, ୪୮ ଜଣ ପଞ୍ଚମ ପାସ, ୧୦୪ ଜଣ ଅଷ୍ଟମ ପାସ କରିଛନ୍ତି। ତେବେ ୨୭୨ ଜଣ ପ୍ରାର୍ଥୀ ସ୍ନାତକ ପାସ କରିଥିବା ବେଳେ ୧୮ ଜଣ ଡକ୍ଟରେଟ୍ ପାଇଛନ୍ତି।

ଚଳିତ ବିଧାନସଭା ନିର୍ବାଚନୀ ମୈଦାନରେ ଥିବା ପ୍ରାର୍ଥୀଙ୍କ ଭିତରୁ ୪ ଜଣଙ୍କର ବୟସ ୮୦ ବର୍ଷରୁ ଅଧିକ ଥିବା ଜଣାପଡ଼ିଛି। ସେମନଙ୍କ ଭିତରୁ ସବୁଠୁ ବୟସ୍କ ହେଉଛନ୍ତି ୮୩ ବର୍ଷୀୟ ପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ହୃଷିକେଶ ନାୟକ। ଭଣ୍ଡାରୀପୋଖରୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ବୟସ ୮୧ ବର୍ଷ ହୋଇଥିବା ବେଳେ ୮୦ ବର୍ଷ ବୟସରେ ନିର୍ବାଚନ ଲଢୁଛନ୍ତି ବିଜେଡି ବ୍ରହ୍ମପୁର ପ୍ରାର୍ଥୀ ରମେଶ ଚନ୍ଦ୍ର ଚାଉପଟ୍ଟନାୟକ ଓ ଘଷିପୁରା ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ମୁଖ୍ୟମନ୍ତ୍ରୀ ଦାୟୀ: ଅପରାଜିତା

ଭୁବନେଶ୍ୱର (ଭିଓଭି): ଚିଲିକା ବିଧାୟକ ତଥା ଚଳିତ ନିର୍ବାଚନରେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରୀ ପ୍ରସଙ୍ଗରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। କହିଛନ୍ତି - କେଉଁ ସ୍ଥିତିରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଜେଲ୍ ପଠାଗଲା ? ସିସିଟିଭି ଫୁଟେଜ ଯାଞ୍ଚ ନ କରି ଜଣେ ବିଧାୟକଙ୍କୁ କାହିଁକି ଗିରଫ କରାଗଲା ? ଏହା କେଉଁ ପ୍ରକାର ଆଇନ ? ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ତାଙ୍କ କୋଟେରୀ ଦାୟୀ। ପ୍ରଶାନ୍ତ ଜଗଦ୍ଦେବଙ୍କ ଲୋକପ୍ରିୟତାକୁ ଡରିଗଲେ କି ?



ଅପରାଜିତା ଆହୁରି କହିଛନ୍ତି, ଘଟଣା ଘଟିବାର ୫ ମିନିଟ୍ ପରେ ବୁଥ ଯାଇଥିଲି। ସମସ୍ତଙ୍କୁ ପଚାରି ବୁଝିଥିଲି। ଯେଉଁମାନେ ବୁଥ ଭିତରେ ଓ ବାହାରେ ଥିଲେ ବିଧାୟକ ଇଭିଏମ ଭାଙ୍ଗିଛନ୍ତି ବୋଲି କୌଣସି ଲୋକ କହିନାହାନ୍ତି। ସେଦିନ ବୁଥରେ ଯାହା ଘଟିଥିଲା, ତାର ସିସିଟିଭି ଫୁଟେଜ ମୋର ହସ୍ତଗତ ହୋଇଛି। ବହୁ ଶୀଘ୍ର ସିସିଟିଭି ଫୁଟେଜକୁ ମୁଁ ସାର୍ବଜନୀନ କରିବି। ଇଭିଏମ ଭଙ୍ଗାଯିବା ଘଟଣାରେ ପ୍ରଶାନ୍ତ ଜଗଦ୍ଦେବଙ୍କର କୌଣସି ଭୂମିକା ନାହିଁ।

ଜଣେ ବିଜେଡି କର୍ମୀଙ୍କ ଅଡିଓ ମୋ ପାଖରେ ଅଛି। ସେ ସେଥିରେ କହୁଛନ୍ତି, ପ୍ରଶାନ୍ତ ଜଗଦ୍ଦେବଙ୍କ ଋଠଗ ଭଙ୍ଗାରେ କୌଣସି ଭୂମିକା ନାହିଁ। ସମସ୍ତ ପ୍ରମାଣ ସାର୍ବଜନୀନ କରାଯିବ। ଏସବୁ ଘଟଣା ତୃତୀୟ ମହଲା ନିର୍ଦ୍ଦେଶରେ ହୋଇଛି ଜଣେ ଜିଲ୍ଲା ସ୍ତରୀୟ ସରକାରୀ କର୍ମଚାରୀ ମତେ କହିଛନ୍ତି ବୋଲି ଅପରାଜିତା କହିଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ମୁଖ୍ୟମନ୍ତ୍ରୀ, ତୃତୀୟ ମହଲା, ତାମିଲ ବାବୁ ଓ କୋଟେରି ଦାୟୀ ବୋଲି ଅପରାଜିତା କହିଛନ୍ତି। ଅପରାଜିତାଙ୍କ ଆକ୍ଷେପ ଓ ଅଭିଯୋଗ ଉପରେ ରାଜ୍ୟ ସରକାର କି ଶାସକ ଦଳର ପ୍ରତିକ୍ରିୟା ମିଳିପାରିନାହିଁ।

# ମାଲକାନଗିରି ଜିଲ୍ଲାରେ ରବି ଚାଷ ସତ୍ତ୍ୱେ ମଣ୍ଡିର ବ୍ୟବସ୍ଥା ନାହିଁ

**ମାଲକାନଗିରି (ଭିଓଭି) :** ମାଲକାନଗିରି ଜିଲ୍ଲାରେ ରବି ଧାନ ଚାଷ ସତତ୍ତ୍ୱେ ମଣ୍ଡିର କୌଣସି ବ୍ୟବସ୍ଥା ନାହିଁ, ଯାହା ଫଳରେ ଚାଷୀ ନିଜର ଧାନକୁ କମ୍ ଦରରେ ଦଲାଲ ହାତରେ ଟେକିଦେବା ଛଡ଼ା ଅନ୍ୟ ଉପାୟ ନଥିବା କହିଛନ୍ତି । କୃଷି ବିଭାଗର ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ୧୫୨ ହେକ୍ଟର ଜମିର ଧାନ ଚାଷ କରାଯାଉଛି । ରବି ଚାଷ ପାଇଁ କୃଷି ବିଭାଗ କୌଣସି ଟାର୍ଗେଟ ନେଇନଥିବା ବେଳେ ଜିଲ୍ଲାର ସାତୋଟି ବ୍ଲକରେ କିନ୍ତୁ ଧାନ ଚାଷ କରାଯାଉଛି । ଜିଲ୍ଲାର ସାତୋଟି ବ୍ଲକ ମଧ୍ୟରୁ ମାଲକାନଗିରି ବ୍ଲକରେ ୩୬ ହେକ୍ଟର, କାଲିମେଲା ବ୍ଲକରେ ୬୧ ହେକ୍ଟର, ଖଇରପୁଟ ବ୍ଲକରେ ୫୫ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ କୋରକୋଣ୍ଡା ପଡ଼ିଆ, ଚିତ୍ରକୋଣ୍ଡା ଏବଂ ମାଥିଲି ବ୍ଲକରେ ଆଦୌ ଧାନ ଚାଷ ହେଉ ନାହିଁ । ଜିଲ୍ଲାର ଚାରୋଟି ବ୍ଲକରେ କୌଣସି ଜଳସେଚନର ବ୍ୟବସ୍ଥା ନଥିବାରୁ ଚାଷ ପ୍ରାୟତଃ ହେଉନାହିଁ । କିନ୍ତୁ ଜିଲ୍ଲାରେ ଯଅ, ବାଜରା, ମକା ଭଳି ଚାଷ ପାଇଁ କୃଷି ବିଭାଗ ୨୧୬୦ ହେକ୍ଟର ଚାଷ ପାଇଁ ଟାର୍ଗେଟ ନେଇଥିବା ବେଳେ ୨୦୭୦ ହେକ୍ଟର ଜମିରେ ଚାଷ ହେଉଛି । ମୁଗ, ବିରି ଭଳି ଚାଷ ପାଇଁ କୃଷି ବିଭାଗ ୧୦,୮୪୯ ହେକ୍ଟର ଟାର୍ଗେଟ ନେଇଥିବା ବେଳେ ୧୧୫୩୪ ହେକ୍ଟର ଜମିରେ ଚାଷ ହେଉଛି । ତୈଳ ଜାତୀୟ ଫସଲ ଚାଷ ପାଇଁ କୃଷି ବିଭାଗ ୧୭୫୩୪ ହେକ୍ଟର ଟାର୍ଗେଟ ନେଇଥିବା ବେଳେ ୧୭୫୭୨ ହେକ୍ଟର ଜମିରେ ଚାଷ ହେଉଛି । ସେହିପରି ଜିଲ୍ଲାରେ ପନିପରିବା ଚାଷ ପାଇଁ କୃଷି ବିଭାଗ ୧୭୫୬୮ ହେକ୍ଟର ଟାର୍ଗେଟ ନେଇଥିବା ବେଳେ ୧୭୪୪୮ ହେକ୍ଟର ଜମିରେ ଚାଷ ହେଉଛି । ଅନ୍ୟାନ୍ୟ ଚାଷ ପାଇଁ ୧୮୩୯ ହେକ୍ଟର ଜମିରେ ଚାଷ ଟାର୍ଗେଟ ରହିଥିବା ବେଳେ କୃଷି ବିଭାଗ ୧୫୫୮ ହେକ୍ଟର ଜମିରେ ଚାଷ କରାଯାଉଥିବା କୁହାଯାଇଛି । ବିଶେଷ କରି ଧାନ ଚାଷ ପାଇଁ ଜିଲ୍ଲାରେ କୌଣସି ଜଳସେଚନର ବ୍ୟବସ୍ଥା ନଥିବାରୁ ଚାଷୀ ବାଧ ହୋଇ ଜମିକୁ ପଡିଆ ଛାଡିବାକୁ ବାଧ ହେଉଛି । ଜିଲ୍ଲାରେ ହେଉଥିବା ୧୫୨ ହେକ୍ଟର ଜମିରେ ମୋଟ ୪ ହଜାର କ୍ୱିଣ୍ଟାଲ ଧାନ ବାହାରୁଥିବା ବେଳେ ଏହି ଧାନକୁ ଖରିଦ କରିବା ପାଇଁ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି । ରାଜ୍ୟର ପ୍ରାୟ ୧୭ଟି ଜିଲ୍ଲାରେ ରବି ମଣ୍ଡିର କୌଣସି ବ୍ୟବସ୍ଥା ନଥିବା ଜଣାପଡ଼ିଛି । ସେଥିମଧ୍ୟରୁ ମାଲକାନଗିରି ଅନ୍ୟତମ । ବାଧ ହୋ ଇ ଚାଷୀ ଧାନକୁ ଛତିଶଗଡ଼ ଏବଂ ଆନ୍ଧ୍ର ଦଲାଲ ହାତରେ ଟେକି ଦେଉଛି । ଏବେ ନିର୍ବାଚନ ଚାଲିଥିବା ବେଳେ ଚାଷୀ ଏହାକୁ ନେଇ ସ୍ୱରଓୋଳନ କରିବେ ବୋଲି ଜଣାପଡ଼ିଛି । ରବି ଚାଷ ପାଇଁ ଜଳସେଚନର ସୁବିଧା ସହ କୃଷିଙ୍କୁ ଉଚିତ ମୂଲ୍ୟ ଯେଉଁ ଦଳ ଦେବ ତାକୁ କୃଷକ ସମାଜ ଭୋଟ ଦେବେ ବୋଲି ସଫା ସଫା କହୁଛନ୍ତି । କୃଷକ ସମାଜର ଭୋଟ ହାତେଇବାକୁ ବିଭିନ୍ନ ରାଜନୈତିକ ଦଳ ଏବେ ପ୍ରତିଶ୍ରୁତିର ପାହାଡ ଛିଡ଼ା କଲେଣି । କୃଷକମାନେ ମଧ୍ୟ ଜାଣିସାରିଲେଣି ଯେ କିଏ କୃଷକଙ୍କର ହିତ ଚାହୁଁଛି କିଏ ନାହିଁ ।ନିର୍ବାଚନ ପରେ କୃଷକଙ୍କ ଦୁଃଖ ଦୁର ହେଉଛି କି ନାହିଁ ଦେଖିବାକୁ ବାକି ରହିଲା ।



## ବଜାରଦାଣ୍ଡି ଅଙ୍ଗନୱାଡିକେନ୍ଦ୍ରର ବ୍ୟାପକ ଦୁର୍ନୀତି ବିରୋଧରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା(ଭିଓଭି) :** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମପଞ୍ଚାୟତର ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ନିମନ୍ତେ ମହୁ ଗ୍ରାମର ଗଙ୍ଗାଧର ପାତ୍ରଙ୍କ ପତ୍ନୀ ମଞ୍ଜୁଲତା ପାତ୍ର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ହେଉଛି ଯେ ସେହି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସରକାରୀ ଯୋଜନାର ସହାୟତାକୁ ବାଟମାରଣା କରି ଲୁଟ କରିଚାଲିଛନ୍ତି । ସରକାରୀ ଯୋଜନାର ସମସ୍ତ ସହାୟତାକୁ ହିତାଧିକାରୀଙ୍କୁ ନଦେଇ କର୍ମୀ ନିଜେ ଲୁଟ କରିବା, କେନ୍ଦ୍ରରେ ଖୁବ କମ୍ ପିଲା ଥିବା ବେଳେ ୩୪ଜଣ ଥିବା କାଗଜପତ୍ରରେ ଦର୍ଶାଇ ସେବାବଦ ସରକାରୀ ଅର୍ଥ ଲୁଟ କରିବା, ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ ନକରି ଆତ୍ମସାତ କରିବା, ରୋଷେଇ କରାନଯାଇ ମଧ୍ୟ କାଗଜପତ୍ରରେ ରୋଷେଇ ହେଉଥିବା ଦର୍ଶାଇ ସେ ବାବଦ ଅର୍ଥ ତୋଷରପାତ କରିବା ଭଳି ବହୁ ଗୁରୁତ୍ତର ଅଭିଯୋଗ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ବିରୋଧରେ ଆଳି ବ୍ଲକର ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ନିକଟରେ ଗତ ୧୯.୦୩.୨୦୨୪ ରିଖରେ ଗଙ୍ଗାଧର ପାତ୍ର ନାମକ ବ୍ୟକ୍ତି କରିବା ପରେ ସେହି ଅଭିଯୋଗ ଉପରେ କ୍ଷେତ୍ରପରିଦର୍ଶିକା ଶୁଭାଷିନୀ ନାୟକ ଏବଂ ପରେ ଶିଶୁ ବିକାଶ ଯୋଜନା ଅଧିକାରୀ ନିଜେ ତଦନ୍ତ କରିଥିଲେ । ତଦନ୍ତ ପରେ ସମସ୍ତ ଅଭିଯୋଗର ସତ୍ୟତା ଥିବା ଜଣାପଡିଥିଲା । ସୂଚନା ଅଧିକାର ଆଇନ ଅନୁଯାୟୀ ମିଳିଥିବା ତଥ୍ୟରେ କ୍ଷେତ୍ରପରିଦର୍ଶିକା ଗତ ତା୨୬.୦୩.୨୦୨୪ ରିଖରେ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ପ୍ରଦାନ କରିଥିବା ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି ଯେ ସେହି ଅଙ୍ଗନୱାଡି କେନ୍ଦ୍ରରେ ସରକାରୀ ଯୋଜନାର ସହାୟତା ହିତାଧିକାରୀମାନେ ସଠିକ ଭାବେ ପାଉନାହାନ୍ତି ଏବଂ ସଂପୃକ୍ତ ଅଙ୍ଗନୱାଡି କର୍ମୀ କମିଟିକୁ କୌଣସି କଥା ନଜଣାଇ ମନଇଛା କାର୍ଯ୍ୟ କରୁଛନ୍ତି । ଏହାପରେ ଶିଶୁ ବିକାଶ ଯୋଜନା ଅଧିକାରୀ ନିଜେ ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ଜାଣିବା ପରେବି ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରୁନଥିବା ମଞ୍ଜୁଲତା ଅଭିଯୋଗ କରିଛନ୍ତି । ତେଣୁ ଅଙ୍ଗନୱାଡି କର୍ମୀ ସରକାରୀ ଅର୍ଥ ଆତ୍ମସାତ ଓ ବ୍ୟାପକ ଦୁର୍ନୀତି କରିଥିବାରୁ ତାଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ତାଙ୍କୁ ଗିରଫ କରାଯିବାକୁ ମଞ୍ଜୁଲତା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ସେହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଙ୍କୁ ପ୍ରତିଶୃତି ଦେଇଥିବା ଜଣାପଡିଛି ।

### ବଣ୍ଡାଘାଟିରେ ଶିକ୍ଷାର ବିକଳ ଚିତ୍ର

## ଗଛମୂଳରେ ପଢୁଛନ୍ତି ଛାତ୍ରଛାତ୍ରୀ



**ମାଲକାନଗିରି (ଭିଓଭି) :** ମାଲକାନଗିରି ଜିଲ୍ଲାସ୍ଥ ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡା ଘାଟିର ମୁଦୁଲିପଡା ଓ ଅଣ୍ଡ୍ରା ହଲ ଦୁଇଟି ପଞ୍ଚାୟତରେ କେଉଁ ଆବାହନ କାଳରୁ ରହିଆସୁଛନ୍ତି ବହୁ ପୁରାତନ ଆଦିମ ବଣ୍ଡା ଜନଜାତି । ଆଦିମ ଜନଜାତିଙ୍କ ଏହି ବାସସ୍ଥାନ ଯେତିକି ଚର୍ଚ୍ଚିତ ସେତିକି ଅବହେଳିତ ମଧ୍ୟ । ଶିକ୍ଷାଦାନ ବ୍ୟବସ୍ଥା ଏଠାରେ ଏକ ପ୍ରକାର ଭୁଷୁଡ଼ି ପଡିଛି । ଯାହାର ଗୋଟିଏ ନଗ୍ନ ଉଦାହରଣ ଖଇରପୁଟ ବ୍ଲକ ଅଣ୍ଡ୍ରାହାଲ ପଞ୍ଚାୟତର ଦୁର୍ଗମ ଖାଲଗୁଡ଼ା ଗ୍ରାମରେ । ଏହି ଗ୍ରାମରେ ୮୦ରୁ ଉର୍ଦ୍ଧ୍ୱ ବଣ୍ଡା ଓ ଦିଦାୟୀ ଜନ ଜାତି ପରିବାର ବସବାସ କରନ୍ତି । ୨୦୦୮ ମସିହାରେ ଏହି ଗାଁ ରେ ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲା. ଏହା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଶିକ୍ଷକ ନିୟମିତ ଆସି ନ ଥାନ୍ତି । ଏପଟେ ପିଲାଏ କିଛି ଦିନ ଶିକ୍ଷକଙ୍କୁ ଅପେକ୍ଷା କରି କରି, ପରେ ଆଉ ବିଦ୍ୟାଳୟ କୁ ଆସିଲେ ନାହିଁ । ଏମିତି କିଛି ବର୍ଷ ଚାଲିଲା ପରେ ୨୦୧୩-୧୪ ମସିହାରେ ବିଦ୍ୟାଳୟ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥଲା, ଯାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ । ଏପରିକି କାନ୍ଥରେ ଲାଗିଥିବା ଇଟା ସବୁ ବର୍ଷାର ଧୋଇ ହେବା ସହିତ ଜଙ୍ଗଲରେ ପରିଣତ ହୋଇଯାଇଛି । ଏପଟେ ଶିକ୍ଷାଦାନ, ରାସ୍ତା ଖରାପ୍ ଦର୍ଶାଇ ଖାଲଗୁଡ଼ା ଗାଁକୁ ନିୟମିତ ଶିକ୍ଷକ ଆସୁନଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଗ୍ରାମବାସୀ । ସ୍କୁଲ ଘର ନଥିବାରୁ ଏକ ପଣସ ଗଛ ମୂଳରେ ବସି ଛାତ୍ର ଛାତ୍ରୀ ମାନେ ପାଠ ପଢିଥାନ୍ତି । ଶିକ୍ଷା ବିଭାଗ ପକ୍ଷରୁ ୨ଜଣ ଶିକ୍ଷକଙ୍କୁ ଖାଲଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ନିଯୁକ୍ତ କରାଯାଇଛି । ସେମାନେ ନିୟମିତ ବିଦ୍ୟାଳୟକୁ ଆସୁ ନଥିବାର ଗ୍ରାମ ବାସୀ ମାନେ ଅଭିଯୋଗ କରିଛନ୍ତି । ଗାଁରେ ପ୍ରାୟ ୬୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ରହିଛନ୍ତି । ଅଥଚ କେଉ ପିଲା କେଉ ଶ୍ରେଣୀରେ ପାଠ ପଢୁଛନ୍ତି କେହି ଜାଣିନାହାନ୍ତି । ଗ୍ରାମ ବାସୀ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ତ୍ୱ ଦେଉନାହାନ୍ତି । ପାଠ ପଢ଼ାଇବା ପାଇ ସ୍ଥାନ ଅଭାବ, ରାସ୍ତାଘାଟ ନାହିଁ ଏଭଳି ଅନେକ କାରଣ ଦର୍ଶାଇ ଶିକ୍ଷକ ଗାଁକୁ ଆସୁନାହାନ୍ତି । ଶେଷରେ ନିରୁପାୟ ହୋଇ ସମସ୍ୟାର ସମାଧାନ ନିଜେ କରିବାକୁ ଅଣ୍ଟା ଭିଡ଼ି ଛନ୍ତି ଗାଁ ଲୋକେ । ଗାଁରେ ଚାନ୍ଦା କରି ଏକ କୁଡ଼ିଆ ନିର୍ମାଣ କରିଛନ୍ତି । ଶିକ୍ଷ୍ୟା ପାଇଁ କାମ ଚଳା ଭିତ୍ତିଭୂମି କରିବା ପରେ ମଧ୍ୟ ସରକାରୀ ଶିକ୍ଷକ ଗାଁକୁ ଆସୁ ନାହାଁନ୍ତି । ତେଣୁ କୋରାପୁଟ ଜିଲ୍ଲା ଲାମତାପୁଟ ଓ ଅନକଡଲି ଗ୍ରାମର ୨ଜଣ ଶିକ୍ଷିତ ଯୁବକ ଏବଂ ନିଜ ଅଞ୍ଚଳର ଜଣେ ମହିଳା ଓ ଅନ୍ୟ ଜଣେ ଯୁବକଙ୍କୁ ପାଠ ପଢ଼େଇବା ପାଇଁ ୩ ହଜାର ଟଙ୍କା ଦେଇ ନିୟଜୀତ କରିଛନ୍ତି ଗାଁ ଲୋକେ । ତେବେ ବିଡ଼ମ୍ବନା ହେଲା କାମଚଳା ସ୍କୁଲ ଘର ଛାତ ଏବେ କାଳ ବୈଶାଖୀ ଝଡ଼ ବର୍ଷାରେ ଉଡ଼ି ଯାଇଛି । ଯାହାଫଳରେ ପିଲାଏ ଏବେ ଗଛମୂଳରେ ବସି ପାଠ ପଢୁଛନ୍ତି । ଏବେ ସ୍କୁଲ ଖରା ଛୁଟି ଥିବାରୁ କିଛିଦିନ ପାଇଁ ପାଠ ପଢା ବନ୍ଦ ରହିଛି । ତୁରନ୍ତ ସ୍କୁଲ ଘର ନିର୍ମାଣ କରି ଶିକ୍ଷକଙ୍କୁ ଯୋଗାଇ ଦେବା ପାଇଁ ଗ୍ରାମ ବାସୀ ମାନେ ଦାବି କରିଛନ୍ତି ।

ଭାଗ-୧ । ସଂଖ୍ୟା-୨୮ । ଭୁବନେଶ୍ୱର । ୨୭ ମେ' ରୁ ୨ ଜୁନ ୨୦୨୪
Vol-1 | Issue-28 | Bhubaneswar | 27 May to 2 June 2024

# ରାସ୍ତା ନିର୍ମାଣରେ ଅନିୟମିତତା, ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ଆଶଙ୍କା

**ନିଶ୍ଚିନ୍ତକୋଇଲି (ଭିଓଭି) :** ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ଛକ ଠାରୁ କଟିକଟା-ଜୟପୁର ଭାୟା ବାହାରବଙ୍କୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଉଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣାଛକ ଠାରୁ କଟିକଟା-ଜୟପୁର ଭାୟା ବାହାରବଙ୍କୁ ପର୍ଯ୍ୟନ୍ତ କରାଣ୍ଡିଆ ବ୍ରାଞ୍ଚ କେନାଲ ବନ୍ଧର ପ୍ରଶସ୍ତିକରଣ ନିମନ୍ତେ ସରକାର ୨୨୬୮.୦୬ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଗତ ନଭେମ୍ବର ୨୬ ତାରିଖ ଦିନ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ଠିକାଦାର ଅଟକଳ ଅନୁଯାଇ ନିର୍ମାଣ କରୁନଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ରାସ୍ତାର ମଝିରେ ଟାଟା ପାୱାର ର ବିଦ୍ୟୁତ ଖୁଂଟ ରହିଥିଲେ ମଧ ତାହା ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇ ନାହିଁ। ରାସ୍ତାରେ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ ଖୁଣ୍ଟ ଓ ତାର ଉଚ୍ଛେଦ କରାଯାଇନଥିଲା ବେଳେ ଠିକାଦାର



ମନମୁଖି ଭାବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଫଳରେ ରାସ୍ତାରେ ଭବିଷ୍ୟତରେ ଯାନ ବାହାନ ଗମନା ଗମନ ନିମନ୍ତେ ସ୍ଥାନୀୟ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ, ନରେନ୍ଦ୍ରପୁର, ତରତ, ଜମରା, ବନ୍ଧକାଟିଆ, ଅସୁରେଶ୍ୱର, କଟିକଟା, ତିଳକଣା, ନେମାଳ, ଝାଡେଶ୍ୱରପୁର, ଦାଉଦପୁର ସମେତ ଡେରାବିଶ ବ୍ଲକର ଜଅଁରାବାରିମୂଳ ସମେତ ବହୁ ପଂଚାୟତର ଶହ ଶହ ଲୋକ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି। ତେବେ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଚଂଚକତା ଅନିୟମିତତା ଓ ଦୁର୍ନୀତି କରାଯାଉଥିଲା ବେଳେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗର କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ ନକରିବା ଘଟଣାଟି ରହସ୍ୟ ଘେରରେ ରହିଛି। ତେବେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବା କାରଣରୁ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି।

### ମହିଳା ଓ ଶିଶୁ ବିଭାଗର ଅଜବ ନୀତି !

## ପ୍ରାୟ ୧୦୦ ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ସେବା ଠପ, କୋମଳମତି ଶିଶୁ ଗରମରେ କଲବଲ

ଆସିକା (ଭିଓଭି): ମହିଳା ଓ ଶିଶୁ ବିଭାଗର ଅଜବ ନୀତି ଦେଖିବାକୁ ମିଳିଛି ଆସିକା ବ୍ଲକରେ। ପ୍ରାୟ ୧୦୦ ରୁ ଅଧିକ ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ସେବା ନାହିଁ। ଏଠାରେ ପ୍ରାକ ବିଦ୍ୟାଳୟରେ ଅଧ୍ୟୟନ ରତ କୋମଳମତି ଶିଶୁ ଗରମ ରେ ଡହକ ବିକଳ ହେଉଛନ୍ତି। ଏହି ଶିଶୁ ମାନଙ୍କ ଗୁହାରି ଶୁଣିବାକୁ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ପରିଚାଳିତ ଆସିକା ବ୍ଲକ ର ସାମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ର ଅଧୀନରେ ୧୭୭ ଗୋଟି ଅଙ୍ଗନବାଡି କେନ୍ଦ୍ର ପାଇଁ ନିଜସ୍ୱ କୋଠା ଥିଲେ ମଧ ପ୍ରାୟ ୧୦୦ ଗୋଟି ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ରାଜ୍ୟ ସରକାର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ୩ ରୁ ୬ ବର୍ଷ ପିଲା ମାନଙ୍କୁ ପ୍ରାକ ବିଦ୍ୟାଳୟ ରେ ଶିକ୍ଷା, ପୃଷ୍ଟିକର ଖାଦ୍ୟ ବଣ୍ଟନ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା କରିବା ନିୟମ ରହିଛି। ଏଥି ସହିତ ଏହି କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ପୃଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି। ଅଞ୍ଚଳର କିଶୋରୀ ମାନଙ୍କ ପରିଷ୍କାର, ପାରିଚ୍ଛନ୍ନତା, ବିକାଶ ଉପରେ ସାପ୍ତାହିକ




ଶନିବାର ଦିନ ଅଦ୍ୱିକା ବୈଠକ ଅନୁଷ୍ଠିତ ହେଉଛି। ତଥାପି ଯନ୍ତ୍ରୀ ଏବଂ ଅଧିକାରୀ ମାନଙ୍କ ଦୁରଦୃଷ୍ଟି ଅଭାବ କିମ୍ବା ଆନ୍ତରିକତା ଅଭାବ କାରଣ ରୁ ଏଭଳି ବିଦ୍ୟୁତ ନଥାଇ ଅଙ୍ଗନବାଡି କେନ୍ଦ୍ର ଚାଲୁଛି। ଆସିକା ବ୍ଲକ ର ୨୭ ଗୋଟି ପଂଚାୟତ ରେ ମୋଟ ୨୫୧ ଗୋଟି ଅଙ୍ଗନବାଡି କେନ୍ଦ୍ର ଖୋଲା ଯାଇଛି। ଏହି ଅଙ୍ଗନବାଡି କେନ୍ଦ୍ରରେ ପ୍ରାୟ ୩୦୭୪ ଜଣ ଝିଅ ଏବଂ ୩୨୪୧ ଜଣ ପୁଅ ମିଶି ମୋଟ ୬୨୪୧ ଶିଶୁ ପଞ୍ଜିକରଣ ହୋଇଛନ୍ତି। ମୋଟ ୨୫୧ କେନ୍ଦ୍ର ରୁ ୧୭୭ କେନ୍ଦ୍ରରେ ନିଜସ୍ୱ ଅଙ୍ଗନବାଡି କେନ୍ଦରେ ଚାଲୁଥିବା ବେଳେ ୫୮ ଗୋଟି ଅଙ୍ଗନୱାଡି କେନ୍ଦ୍ର ରେ ନିଜସ୍ୱ କୋଠାର ନିର୍ମାଣ ଚାଲିଥିବା କଥା ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେଥିରୁ ମାତ୍ର ୭୭ ଅଙ୍ଗନବାଡି କେନ୍ଦ୍ର ରେ ବିଦ୍ୟୁତ ଯୋଗାଣ ହୋଇଥିଲେ ସୁଦ୍ଧା ଆହୁରି ସମ୍ପୂର୍ଣ୍ଣ ହୋଇଥିବା ଅପାତତଃ ୧୦୦ କେନ୍ଦ୍ର ରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏ ସମ୍ପର୍କରେ ଦୀର୍ଘ ଦିନ ହେଲା ଜିଲ୍ଲକ୍ଷ ପ୍ରଶାସନ ଏବଂ ଜିଲ୍ଲାର ସାମଜ ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ଏହାର ସୁଫଳ ମିଳିନାହିଁ। ଜିଲ୍ଲାପ୍ରଶାସନ ଏଥି ପ୍ରତି ଶୀଘ୍ର ଧ୍ୟାନ ଦେଲେ ହଜାର ହଜାର ଶିଶୁ ଉପକୃତ ହେବେ ବୋଲି ବରିଷ୍ଠ ଶିକ୍ଷାବିତ ମାନେ ଦାବୀ କରିଛନ୍ତି।

## କେବେ ସ୍ଥାପନ ହେବ ବିନିଶ୍ପୁରରେ ପୋଲିସ୍ ଫାଣ୍ଡି ?

**ନିଆଳି (ଭିଓଭି) ::** ନିଆଳି ଥାନା ଅଧିନରେ ୨୩ ଗୋଟି ପଞ୍ଚାୟତ ଥିବା ବେଳେ ସେଥି ମଧ୍ୟରୁ ୬ ଗୋଟି ପଞ୍ଚାୟତ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ରେ ଥିବା କସରଦା ବିଟ୍ ହାଉସ୍ ଅଧିନରେ ରହିଛି। ଅବଶିଷ୍ଟ ୧୭ଟା ପଞ୍ଚାୟତରୁ ବିନିଶ୍ପୁର ଅଞ୍ଚଳରେ ୫ଟି ପଞ୍ଚାୟତ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ବିନିଶ୍ପୁର ରେ ପୋଲିସ୍ ଫାଣ୍ଡି ସ୍ଥାପନ ଲାଗି ବହୁତ ଦିନ ହେଲା ଦାବି ହୋଇଆସୁଛି। ହେଲେ ସ୍ଥାନୀୟ ଲୋକଙ୍କ ଦାବି କାଗଜ କଲମରେ ନିହିତ ରହିଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖା ଦେଇଛି। ଏଠାରେ ସୂଚନା ଥାଉକି ନିଆଳି ଥାନା ଅଧିନରେ ଥିବା ୫ଟି ପଞ୍ଚାୟତ ବିନିଶ୍ପୁର ସମେତ କୃଷ୍ଣପ୍ରସାଦ, ନିଭରଣ, ମାଧବ ଓ ରତନପୁର ଏହି ୫ଟି ପଞ୍ଚାୟତରେ ଜନସଂଖ୍ୟା ୨୬ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ବିନିଶ୍ପୁର, ମାଧବ ଓ ରତନପୁର, ଜଗତ୍‌ସିଂହପୁର ଓ ପୁରୀ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଦିନ ଦ୍ୱିପ୍ରହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟ କରି ଜଗତ୍‌ସିଂହପୁର ଶିଖରଘାଟ ବ୍ରିଜ୍ ଓ ପୁରୀ ଖୋର୍ଦ୍ଧା ଜିଲ୍ଲାକୁ ଆସମୀ ମାନେ ଖସି ଯାଉଛନ୍ତି। ଏହାର କାରଣ ବିନିଶ୍ପୁର ଠାରୁ ନିଆଳି ଥାନା ୨୦ କି.ମି ଦୂର ହୋଇଥିବାରୁ ପୋଲିସ୍ ପହଞ୍ଚିବା ଯଥେଷ୍ଟ ବିଳମ୍ବ ହେଉଛି। ଏମିତିକି ଉକ୍ତ ପଞ୍ଚାୟତକୁ ସାଧାରଣ ଲୋକମାନେ ଅଭିଯୋଗ କରିବାକୁ ଆସିଲେ ଗୋଟେ ଗୋଟେ ଦିନ ବିତି ଯାଉଛି। ଏହି ସବୁ ସମସ୍ୟାକୁ ନେଇ ବିନିଶ୍ପୁରରେ ଫାଣ୍ଡି ସ୍ଥାପନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଦାବି କରି ଆସୁଛନ୍ତି। ବିନିଶ୍ପୁର ଅଞ୍ଚଳରେ ଫାଣ୍ଡି ନିର୍ମାଣ ପାଇଁ ଉପରିସ୍ଥ ପୋଲିସ୍‌ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ ମଧ୍ୟ ଫାଣ୍ଡି ନିର୍ମାଣ ପାଇଁ କୌଣସି ଅଗ୍ରଗତି ହୋଇପାରି ନାହିଁ। ଗ୍ରାମାଞ୍ଚଳ ଏସ୍‌ପି ଏଥିପ୍ରତି ଦୃଷ୍ଟି ନିକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଠିକ ସମୟରେ ଦରମା ପାଉ ନାହାନ୍ତି ଶିକ୍ଷକ-ଶିକ୍ଷୟିତ୍ରୀ

# ବିଇଓ ଓ ଶିକ୍ଷକ ମିଶି କରୁଛନ୍ତି କିରାଣୀଙ୍କ କାର୍ଯ୍ୟ

**ବେତନଟୀସଦର (ଭିଓଭି) :** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ୨ ଜଣ କିରାଣୀ ପଦ ଖାଲି ପଡ଼ିଥିବା ଯୋଗୁଁ ଅଟକି ରହୁଛି ସବୁ ଜରୁରୀ କାମ। ସେହିଭଳି କାଗଜପତ୍ର କାମରେ ବିଳମ୍ବ ଯୋଗୁଁ ବ୍ଲକ ଅଧୀନସ୍ଥ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଠିକ ସମୟରେ ନିଜର ଦରମା ଟିକ ନପାଇ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ପାଖାପାଖି ୧୬୪ ବିଦ୍ୟାଳୟ ଥିବାବେଳେ ଅଧିକାରୀଙ୍କ କାର୍ଯ୍ୟାଳୟରେ କାମ କରିବାକୁ ଉଚିତ ସଂଖ୍ୟାରେ କିରାଣୀ ନାହାନ୍ତି। ୧ବର୍ଷ ପୂର୍ବରୁ ଏହି କାର୍ଯ୍ୟାଳୟରେ ୩ଜଣ ନିୟମିତ କିରାଣୀ ନିୟୋଜିତ ହୋଇ ସବୁ କାମ



କରୁଥିବାବେଳେ ଏବେମାତ୍ର ଜଣେ କିରାଣୀରେ ଚାଲିଛି କାମ। ୧ବର୍ଷ ପୂର୍ବରୁ ସ୍ଥାୟୀ କିରାଣୀ ବ୍ରଜକିଶୋର ବିନ୍ଧାଣୀ ଅବସର ନେଇଥିବାବେଳେ ଗତ ମାର୍ଚ୍ଚ ମାସରେ ଅନ୍ୟଜଣେ କିରାଣୀ ମଦନମୋହନ ଦାସଙ୍କର ମଧ ଅନ୍ୟତ୍ର ବଦଳି ହୋଇଯାଇଥିଲା। ଏମିତିବି ଶ୍ରୀଦାସଙ୍କ ବଦଳି ପୂର୍ବରୁ ଦୀର୍ଘଦିନ ଧରି ତାଙ୍କୁ ଅନ୍ୟତ୍ର ଡେପୁଟେସନରେ ମଧ୍ୟ ପଠାଯାଇଥିଲା। ଯେଉଁଥିପାଇଁ କେବଳ ମାତ୍ର ଜଣେ ବରିଷ୍ଠ କିରାଣୀ ନିରଞ୍ଜନା କାଣ୍ଡଙ୍କୁ ନେଇ ଚାଲିଛି ସମ୍ପୂର୍ଣ୍ଣ ବିଇଓ ଅଫିସ କାର୍ଯ୍ୟ। ଫଳରେ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ଜରୁରୀକାଳୀନ କାଗଜପତ୍ର ପ୍ରସେସିଂ ସମେତ ପେନସନ କାଗଜପତ୍ର ଓ ୫୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବେତନ ସମ୍ବନ୍ଧୀୟ ଅନେକ କାମରେ ଅହେତୁକ ବିଳମ୍ବ ଘଟୁଛି। ଦରମା ପାଇବାରେ ଅହେତୁକ ବିଳମ୍ବ ଯୋଗୁଁ ଶତାଧିକ ଶିକ୍ଷକ-ଶିକ୍ଷୟିତ୍ରୀ ନିଜର କ୍ଷୋଭ ପ୍ରକାଶ କରିବା ସହିତ ଦରମା ଟିକକ ପାଇବା ପାଇଁ ନିଜେ ଯାଇ ବିଇଓ କାର୍ଯ୍ୟାଳୟରେ ବସି କାଗଜପତ୍ର କାମ କରୁଛନ୍ତି। ତାଙ୍କୁ ସହଯୋଗ କରିବାପାଇଁ ନିଜେ ବିଇଓ ବିପ୍ଳବ କର ମଧ ଅନେକ ସମୟରେ ଶିକ୍ଷକ ମାନଙ୍କ ସହିତ ତଳେ ଦରିରେ ବସି କିରାଣୀଙ୍କ କାମ କରୁଥିବାର ଦେଖିବାକୁ ମିଳୁଛି। ଏ ସମ୍ବନ୍ଧରେ ବିଇଓ ଶ୍ରୀକରଙ୍କ କହିବା କଥା କି ସେ କିରାଣୀ ନିୟୋଜିତ କରିବାନେଇ ବାରମ୍ବାର ଜିଲ୍ଲା ସ୍ତରୀୟ ମିଟିଙ୍ଗରେ କହିଛନ୍ତି ହେଲେ କିଛି ସୁଫଳ ମିଳିନି। ଆଗକୁ ନିର୍ବାଚନ ଆସୁଥିବାରୁ କିରାଣୀ ପଦ ପୂରଣ ପାଇଁ ଆହୁରି ବିଳମ୍ବ ହୋଇପାରେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି, ଯେଉଁଥିପାଇଁ ସେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ପାଇବାକୁ ନେଇ ଚିନ୍ତିତ ଅଛନ୍ତି ଓ ଜଣେ କିରାଣୀଙ୍କୁ ସହଯୋଗ କରିବା ପାଇଁ ନିଜେ ମଧ କିରାଣୀ କାମ କରୁଛନ୍ତି। ଯଥାଶୀଘ୍ର ନିୟମିତ ଭାବେ ଆଉ ୨ କିରାଣୀ ସ୍ଥାୟୀ ଭାବେ ନିଯୁକ୍ତି କରାନଗଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶରତ ଚନ୍ଦ୍ର ମହାନ୍ତ।

# ଉତ୍କଳର ଗାନ୍ଧୀ ଉତ୍କଳମଣି




ନିହାର ରଞ୍ଜନ ଆଚାର୍ଯ୍ୟ

## ଗୋପବନ୍ଧୁଙ୍କ ସ୍ମରଣେ

**ପୁରୀ ଜିଲ୍ଲାର ସୁଆଣ୍ଡ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ଦିନ ଭୂମିଷ୍ଟ ହୋଇଥିବା ଏହି ଯୁଗପୁରୁଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବନ୍ୟା, ବାତ୍ୟା, ମରୁଡ଼ି ଓ ଦୁର୍ବିପାକରେ ନିଃସହାୟ ଜନତାଙ୍କୁ ନିଶ୍ୱାର୍ଥ ସେବା ଯୋଗାଇଦେଇ ମାନବୀୟ ଗୁଣ ଏବଂ ନିଜର ଚିନ୍ତା ଚେତନାର ଉତ୍କଳୀୟ ଭାବନା ରଖି ଜାତୀୟତାର ନିଛକ ନିଦର୍ଶନ ରଖିଯାଇଛନ୍ତି । ସେ ଥିଲେ ଏକାଧାରରେ ଜଣେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନିତୀଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍, ଆଇନିଜ୍ଞ ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀ । ଦୈନିକ ଖବର କାଗଜ 'ସମାଜ' ଏବଂ 'ସତ୍ୟବାଦୀ' ପତ୍ରିକାର ପ୍ରତିଷ୍ଠାତା ଥିଲେ ଗୋପବନ୍ଧୁ ଦାସ ।**

ଜୀବନ କି ଖାଲି ନିରାଶାର ବାଲି
ମରୁ ମରୀଚିକା ସେନେହ ପ୍ରିତୀ
ତେବେ କି ଆଶାରେ କହ ଏ ସଂସାରେ
ପରଲାଗି ନର ମରୁଚି ନିତି ।

ଜୀବନବାଦୀ ସାଧକ ଗୋପବନ୍ଧୁ କେବଳ ମଣିଷଙ୍କୁ ହିଁ ଭଲପାଇ ଜାଣିଥିଲେ । ନିତୀ, ଆଦର୍ଶ, ଧର୍ମ, ନିର୍ମଳତା, ମାନବିକତା, ଉଦାରତା, ସହିଷ୍ଣୁତା ତଥା ସେବାର ମୂର୍ତ୍ତିମନ୍ତ




ପୂଜାରୀ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପରିତ୍ୟାଗ କରି ଦେଶ ଏବଂ ଜାତିର ସେବା ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ଦେବତାତ୍ମା ମହାପୁରୁଷ ଗୋପବନ୍ଧୁ ସବୁ ଓଡ଼ିଆ ନିକଟରେ ପ୍ରାତଃ ସ୍ମରଣୀୟ !

ତାଙ୍କର କର୍ତ୍ତବ୍ୟନିଷ୍ଠାକୁ ଦେଖି ତାଙ୍କୁ ଉତ୍କଳର ଗାନ୍ଧି ବୋଲି କୁହାଯାଉଥିଲା । ସଦା ସର୍ବଦା ମାନବ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଗୋପବନ୍ଧୁ ନିରାଶ୍ରୟା ଓ ନିଃସହାୟ ଲୋକମାନଙ୍କର ସେବା କରି ନିଜ ସେବା ମନୋବୃତ୍ତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବ ସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବାପାଇଁ ତତ୍ପର ମଧ୍ୟ ଥିଲେ ।

ଆଣ୍ଠୁ ଲୁଚା ଧୋତି, ଚାଦର ଖଣ୍ଡିଏ ଆଉ ବଗଡ଼ା ଭାତ ଡାଲିକୁ ନେଇ ଥିଲା ତାଙ୍କର ଜୀବନ । ସେ ଚାହିଁଥିଲେ ସବୁକିଛି କରିପାରିଥାନ୍ତେ ତାଙ୍କ ଜୀବନରେ । ଚାକିରୀର ଅଭାବ ନଥିଲା ସେତେବେଳେ ତାଙ୍କ ପାଖରେ । ପାରିବାରିକ ଆର୍ଥିକ ମଧ୍ୟ ସେତେ ଖରାପ ନଥିଲା । ମାତ୍ର ଗରିବ ଓଡ଼ିଶାର ସନ୍ତାନ ଭାବରେ ସେ ବଞ୍ଚିବାକୁ ଗୌରବର ବିଷୟ ଭାବେ ଗ୍ରହଣ କରିନେଇଥିଲେ । ଓଡ଼ିଶାର ସର୍ବାଙ୍ଗିନ ଉନ୍ନତି ହିଁ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । ତ୍ୟାଗ ଏବଂ ଆଦର୍ଶର ମୁର୍ତ୍ତିମନ୍ତ ପ୍ରତିକ ଉତ୍କଳମଣି ଗୋପବନ୍ଧୁ । ଓଡ଼ିଶାର ସାମାଜିକ, ରାଜନିତୀକ ଓ ଜାତୀୟ ଜୀବନରେ ସେ ଏକ ଅଭୁଲା ସ୍ମୃତି । ଓଡ଼ିଆଙ୍କର ସାମାନ୍ୟ ଓଡ଼ିଆତ୍ୱ ଥିବା ପର୍ଯ୍ୟନ୍ତ ଗୋପବନ୍ଧୁ ଚିର ଜୀବିତ ରହିଥିବେ ଓଡ଼ିଆମାନଙ୍କ ନିକଟରେ ।

ମାନବ ଜୀବନ ନୁହଇଁ କେବଳ ବର୍ଷ ମାସ ଦିନ ଦଣ୍ଡ

କର୍ମେ ଜିଏଁ ନର, କର୍ମ ଏକା ତାର ଜୀବନର ମାନଦଣ୍ଡ ।

ନଶ୍ୱର ମରଣଶୀଳ ଶରୀର ପ୍ରତି ତାଙ୍କର ମମତା ଥିଲା ଅତ୍ୟନ୍ତ ଶିଥିଳ । ସେଥିପାଇଁ ବୋଧହୁଏ ସେ ତାଙ୍କ ପୁତ୍ର ସନ୍ତାନର ଅସୁସ୍ଥତା ସତ୍ୱେ, ଏହାକୁ ଭ୍ରୃକ୍ଷେପ ନକରି ବନ୍ୟା ପ୍ରପିଡ଼ିତ ଲୋକଙ୍କ ପାଇଁ ବାହାରିଯାଇଥିଲେ ଦିନେ ସାହାଯ୍ୟ ସହାୟତା କରିବା ପାଇଁ । ସେଥିପାଇଁ ତ ସେ ଉତ୍କଳମଣି ।

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସି ଚାଲି ଯାଆନ୍ତୁ ପିଠିରେ ।
ସ୍ୱରାଜ୍ୟ ସାଧନା ପଥେ ଯେତେ ଗାଡ଼
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

କାଳଜୟୀ କବି ପଣ୍ଡିତ ଗୋପବନ୍ଧୁ ଥିଲେ ଦେଢ଼ କୋଟି ଓଡ଼ିଆଙ୍କ ରକ୍ତବିନ୍ଦୁର 'ହା ଅନ୍ନ' ଚିତ୍କାରରେ ଅତ୍ୟନ୍ତ ବ୍ୟଥିତ ତଥା ପ୍ରଭାବିତ । ଅତିତର ଗୌରବ ଗାଥା ସ୍ମରଣ କରି ହତାସରେ ଦିନେ ସେ ଗାଇଥିଲେ :

କରପୁର ଉଡ଼ି କଣା ଥିଲେ ପଡ଼ି,
କ'ଣ ରଖିଥାଏ କର୍ପୁର ସ୍ମୃତି
କଣା ଯାଇ ନାଶ ରହିଲେ ପାଉଁଶ
ଧରିବ ତା' ଦେଖି କିଏ ସେ ଧୃତି ।

ଅତୀତର ସ୍ମୃତିଚାରଣ କରି ତାଙ୍କ ହୃଦୟ ରୋମାଞ୍ଚିତ ହୋଇଥିଲା :


କାହିଁ ସେ ଗୌରବ କାହିଁ ସେ ସୁକୃତି
ପବିତ୍ର ଉତ୍କଳ ଆହା କି ବିକୃତି ।
ଉତ୍କଳ ମାତାର ଅତିତ ଯଶ
ବିପୁଳ ବିଭବ ବାଲା ସାହସ
ସୁମରି ତା' ଫାଟିଯାଏ ହୃଦୟ
ଦେଖି ଅବସ୍ଥାର ଏ ବିପର୍ଯ୍ୟୟ ।

ଦିନବନ୍ଧୁ ଗୋପବନ୍ଧୁ ଦାସ ଦେଶପ୍ରେମର ପବିତ୍ର ପ୍ଲାବନରେ ଅବଗାହନ କରିବା ପାଇଁ ଉତ୍କଳୀୟମାନଙ୍କୁ ନିର୍ଦ୍ଦେଶ ଦେଇ ଲେଖିଛନ୍ତି :

ପୂର୍ବ ପୁରୁଷର ପବିତ୍ର ସ୍ମଶାନ
ଦେଶର ଜାତୀର ଗୌରବ ଗାନ
ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଧରିବା ପାଇଁ କଲେ ତନୁକ୍ଷୟ
ମାନବ ଜୀବନ ହୁଅଇ ସଫଳ
ଏ ମହାଦିକ୍ଷା କି ବୁଝିବ ଉତ୍କଳ ?

ପୁରୀ ଜିଲ୍ଲାର ସୁଆଣ୍ଡ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ଦିନ ଭୁମିଷ୍ଟ ହୋଇଥିବା ଏହି ଯୁଗପୁରୁଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବନ୍ୟା, ବାତ୍ୟା, ମରୁଡ଼ି ଓ ଦୁର୍ବିପାକରେ ନିଃସହାୟ ଜନତାଙ୍କୁ ନିଶ୍ୱାର୍ଥ ସେବା ଯୋଗାଇଦେଇ ମାନବୀୟ ଗୁଣ ଏବଂ ନିଜର ଚିନ୍ତା ଚେତନାର ଉତ୍କଳୀୟ ଭାବନା ରଖି ଜାତୀୟତାର ନିଛକ ନିଦର୍ଶନ ରଖିଯାଇଛନ୍ତି । ସେ ଥିଲେ ଏକାଧାରରେ ଜଣେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନିତୀଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍, ଆଇନିଜ୍ଞ ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀ । ଦୈନିକ ଖବର କାଗଜ 'ସମାଜ' ଏବଂ 'ସତ୍ୟବାଦୀ' ପତ୍ରିକାର ପ୍ରତିଷ୍ଠାତା ଥିଲେ ଗୋପବନ୍ଧୁ ଦାସ । ପିତା ଦୈତାରି ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବିଙ୍କ ଔରସରୁ ଜନ୍ମିତ ଗୋପବନ୍ଧୁ, ଜନ୍ମର ଅଳ୍ପ ଦିନପରେ ହରାଇଥିଲେ ତାଙ୍କ ମାତାଙ୍କୁ । ନିଜର ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ, ସେ ରିପଦେଇପୁର ମିଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲ୍‌ରେ ଅଧ୍ୟୟନ କଲେ । ୧୮୯୨ ମସିହାରେ ସେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ସେଠାରେ ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ସହ ପରିଚୟ ହୁଏ । ଯାହାଙ୍କ ଠାରୁ ପରବର୍ତ୍ତୀ ସମୟରେ ସେ ଦେଶ ସେବାର ଶିକ୍ଷା ପାଇଥିଲେ । ତାଙ୍କ ଦ୍ୱାରା ସେତେବେଳେ ପୁରୀରେ ହଇଜା ରୋଗରେ ପିଡ଼ୀତ ଲୋକମାନଙ୍କର ସେବା ପାଇଁ 'ପୁରୀ ସେବା ସମିତି' ପ୍ରତିଷ୍ଠା କରାଯାଇଥିଲା । ପୁରୀ ସେବା ସମିତି ଗଠନ କରି ସେ ଆପଣା ଜୀବନକୁ ବିପନ୍ନ କରି ସାଥୀମାନଙ୍କ ସହ ମିଶି ରୋଗୀ ସେବା, ପରିବେଶ ପରିଛନ୍ନ, ସେବା ସଂସ୍କାର ଇତ୍ୟାଦି କାମରେ ଲାଗିପଡ଼ିଥିଲେ ।

ପଣ୍ଡିତେ ମାତ୍ର ୧୨ ବର୍ଷ ବୟରେ ଅପର୍ତ୍ତି ଦେବୀଙ୍କୁ ବିବାହ କରିଥିଲେ । ପୁରୀରୁ ମ୍ୟାଟ୍ରିକ୍ ପାସ୍ କରି ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । ଏହି ସମୟରେ ତାଙ୍କର ପିତୃ ବିୟୋଗ ହୋଇଥିଲା । କଟକରେ ଅଧ୍ୟୟନ ସମୟରେ ସେ 'କର୍ତ୍ତବ୍ୟ ବୋଧିନି ସମିତି' ଗଠନ କରି ତା' ମାଧ୍ୟମରେ ସାହିତ୍ୟ ଚର୍ଚ୍ଚା କରୁଥିଲେ । ବି.ଏ. ପଢୁଥିବା ସମୟରେ ସେ ତାଙ୍କର ପୁତ୍ର ସନ୍ତାନଟିକୁ ହରାଇଥିଲେ । ବି.ଏ. ପାସ ପରେ ସେ କଲିକତା ଯାଇ ଆଇନ ଅଧ୍ୟୟନ କଲେ । ସେଠାରେ ଓଡ଼ିଆମାନଙ୍କ ଦୁର୍ଦ୍ଦଶା ଦେଖି ସେ ଏକ ନୈଷ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯୦୬ ମସିହାରେ 'ଲ' ପାସ କରିବା ପରେ ପରେ ତାଙ୍କ ପତ୍ନି ଅପର୍ତ୍ତି ଦେବୀ ଦୁଇଟି କନ୍ୟାରତ୍ନଙ୍କୁ ଛାଡ଼ି ଆଖି ବୁଝିଥିଲେ । ୨୮ ବର୍ଷର ଯୁବକ ଗୋପବନ୍ଧୁ ଆଉ ଦ୍ୱିତୀୟ ବିବାହ ନକରି ନିଜକୁ ଓଡ଼ିଆ ଜାତୀର ସେବାପାଇଁ ଉତ୍ସର୍ଗ କରିଥିଲେ ।



ଓଡ଼ିଶାରେ ଶିକ୍ଷାର ପ୍ରଚାର ଓ ପ୍ରସାର, ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ, ବନ୍ୟା, ବାତ୍ୟା ସମୟରେ ସାହାଯ୍ୟ ବଣ୍ଟନ, ଦୈବ ଦୁର୍ବିପାକ ସମୟରେ ବନ୍ଧୁ ପରି ସହାୟତା ପ୍ରଦାନ କରି ସେ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟ ଜୟ କରିପାରିଥିଲେ । ୧୯୨୦ ମସିହାରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ପଣ୍ଡିତ ଗୋପବନ୍ଧୁ ଯେ କେତେ ସରଳ, ନିଷ୍କପଟ, ନିସ୍ୱାର୍ଥପର ଓ ସଚ୍ଚୋଟ ଥିଲେ, ତା'ର ପ୍ରମାଣ ପଣ୍ଡିତ ନିଳକଣ୍ଠ ଦାସଙ୍କ ଜୀବନୀର ଲିଖିତ ନିମ୍ନ ଅଂଶରୁ ସ୍ପଷ୍ଟ ଜଣାପଡ଼େ ।

ପଣ୍ଡିତ ନୀଳକଣ୍ଠ ଦାସ ଲେଖନ୍ତି :

'୧୯୨୭ ମସିହାରେ ବଢ଼ି ଆସିଲା । ବଢ଼ି କମିଟି ଗଢ଼ାଗଲା । ବୋଧହୁଏ ଗୋପବନ୍ଧୁ ଦାସ ସେ କମିଟିର ମୁଖ୍ୟ ଥାଆନ୍ତି । "ୟଙ୍ଗ୍ ଉତ୍କଳ୍ " ପତ୍ରିକାରେ ଭୁବନାନନ୍ଦ ବାବୁ (ଦାସ) ଲେଖିଲେ – 'ଗୋପବନ୍ଧୁ ଦାସ ବଢ଼ି କଉଡ଼ି ଖାଇଗଲେ । ସେଥିରେ ଗୋପବନ୍ଧୁ ବାବୁଙ୍କ ବିରୁଦ୍ଧରେ ୪୨ ହଜାର ଟଙ୍କା ଆତ୍ମସାତର ଏକ ଅଭିଯୋଗ ଅଣାହୋଇଥାଏ । ଗୋପବନ୍ଧୁ ବାବୁ ଏହା ପଢ଼ି ଭୋ ଭୋ ହୋଇ କାନ୍ଦିଲେ । ମୋତେ ଗୋପବନ୍ଧୁ ଟେଲିଗ୍ରାମ ଯୋଗେ ଡାକିଲେ । ମୁଁ ପହଞ୍ଚିଲାରୁ ଭୋ ଭୋ ହୋଇ କାନ୍ଦି କହିଲେ ଦେଖ ଭୁବନାନନ୍ଦ ଲେଖିଛି, ମୁଁ ବଢ଼ି କଉଡ଼ି ଖାଇଗଲି । ମୁଁ ତାଙ୍କୁ ଅନେକ ବୁଝାସୁଝା କଲାରୁ ସେ ତୁନି ହେଲେ । ମୁଁ ସେଦିନ ଲକ୍ଷ୍ୟ କରିଛି, ଦୋଷ ରହିତ ମଣିଷ କିପରି ଅନ୍ତରକୁ ଆବେଗ ସହକାରେ ଓଜାଡ଼ିଦିଏ (ପଣ୍ଡିତ ନୀଳକଣ୍ଠ ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଆତ୍ମଜୀବନୀ) ଏଠାରେ ମୁଁ କହି ରଖୁଛି ଯେ, ପଣ୍ଡିତ ନୀଳକଣ୍ଠ ଦାସ ମୋର ନିଜ ଅଜା ହେବେ । ସେତେବେଳେ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଥିଲେ । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ତାଙ୍କ ବନ୍ଧୁ ସି.ଏଫ୍. ଆଣ୍ଡ୍ରିୟୁଜ୍ ଅଭିଯୋଗର ତଦନ୍ତ କରି ଗୋପବନ୍ଧୁଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ । ସେଥିପାଇଁ ସେ ଗୋପବନ୍ଧୁ । ଯଥାର୍ଥରେ ମୁକ୍ତ କଣ୍ଠରେ ଗାଇଛନ୍ତି :

ଜାତୀୟ ମମତା ବିଶ୍ୱ ଜନପ୍ରିତୀ
ଉତ୍କଳବାସୀଙ୍କ ହେଉ ଏଇ ନିତୀ ।

ଉତ୍କଳର ଏହି କାଳଜୀୟ ମହାନ ମହାପୁରୁଷଙ୍କ ଦେହାନ୍ତ ହୋଇଥିଲା ୧୯୨୮ ମସିହା ଜୁନ୍ ମାସ ୧୭ ତାରିଖ ସନ୍ଧ୍ୟା ୭.୨୫ ମିନିଟ ସମୟରେ । ସେଦିନ ଓଡ଼ିଶା ଯେମିତି ସ୍ତବ୍ଧ ହୋଇଯାଇଥିଲା ଏହି ଦୁଃଖଦ ସମ୍ବାଦ ପାଇ । ଡାକ୍ତର ମାୟାଧର ମାନସିଂହଙ୍କ ଭାଷାରେ :

'ଦେଢ଼କୋଟି ଲୋକ ଭଲ ପାଉଥିଲେ ପରାଣରୁ ବଳି ପରା,

ସକଳେ କରିଲା ଆଶ୍ରୟହିନ ସହସାତେ ଦିଏ ଧରା ।

ଯାହା ଇଙ୍ଗିତେ ତିନିକୋଟି ଆଖି ଚାହିଁଥାଏ ଅହରହ,

ସେ ତ ଗଲା ଚାଲି ମୃତ ଜନତାରେ ଚଳାଇବ କିଏ କହ ?'

ମୃତ୍ୟୁ ପୂର୍ବରୁ ସେ ନିଜର ଇଚ୍ଛାପତ୍ରରେ 'ସମାଜ' ଓ 'ସତ୍ୟବାଦୀ' ପ୍ରେସ୍‌ର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ । ମାତ୍ର ୫୨ ବର୍ଷ ଆୟୁରେ ଏଭଳି କିର୍ତ୍ତୀମାନ ସ୍ଥାପନା କରିଥିବା ପଣ୍ଡିତ ଗୋପବନ୍ଧୁଙ୍କ ଦେଶପ୍ରେମ ଓ ଜାତୀପ୍ରିତି ଚିରସ୍ମରଣୀୟ ହୋଇ ରହିଛି ଓ ଆସନ୍ତା ଯୁଗଯୁଗ ପାଇଁ ମଧ୍ୟ ରହିବ ।

ମରିନାହିଁ ସିଏ ମରିନାହିଁ,
ମରିବାକୁ ସିଏ ଡରିନାହିଁ !
ସିଏ ତ' ବୀର ପୁରୁଷ,
ସରିପାରେ କି ତା'ର ଆୟୁଷ ।

ତାଙ୍କ ତ୍ୟାଗର ଦୃଷ୍ଟାନ୍ତ, ଅମ୍ଳାନ ଓ ଇତିହାସ ପୃଷ୍ଠାରେ ସଦା ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଯଥାର୍ଥରେ ସେ ଥିଲେ ଉତ୍କଳର ଗାନ୍ଧି – ଉତ୍କଳମଣି ଗୋପବନ୍ଧୁ ଦାସ ।

Founder and Working Director,
TRUST – a Science Lover Organization
'Scientific Officer',
Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**

ଭାଗ-୧ । ସଂଖ୍ୟା-୨୮ । ଭୁବନେଶ୍ୱର । ୨୭ ମେ’ ରୁ ୨ ଜୁନ ୨୦୨୪
Vol-1 | Issue-28 | Bhubaneswar | 27 May to 2 June 2024

# ଏବେ ବି ବେସାହାରା: ବାଳିକା ହାଇସ୍କୁଲ୍ କୋଠାରେ ୧୨ ବର୍ଷ ହେଲା ମୁଣ୍ଡ ଗୁଞ୍ଜିଛି

**ଜୟପୁର(ଭିଓଭି) :** ଚାରି ଜିଲ୍ଲା ଛାତ୍ରଛାତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛି ଜୟପୁରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ଜୋନାଲ୍ କାର୍ଯ୍ୟାଳୟ। ନିଜେ କିନ୍ତୁ ବେସାହାରା। ନିଜସ୍ୱ କାର୍ଯ୍ୟାଳୟ ନାହିଁ। ଜୟପୁର ସରକାରୀ ବାଳିକା ବିଦ୍ୟାଳୟର ଜରାଜୀର୍ଣ୍ଣ କୋଠରୀରେ ମୁଣ୍ଡ ଗୁଞ୍ଜିଛି। କାର୍ଯ୍ୟାଳୟ ପରିଚାଳନା ପାଇଁ ଆବଶ୍ୟକ ଅଧିକାରୀ କିମ୍ବା କର୍ମଚାରୀ ନାହାନ୍ତି। ୯ରୁ ୫ ପଦବି ଖାଲି। ଚତୁର୍ଥ ଶ୍ରେଣୀ କର୍ମଚାରୀ, ଡାଟା ଏଣ୍ଟ୍ରି ଅପରେଟର୍ ଚଳାଉଛନ୍ତି କାର୍ଯ୍ୟାଳୟ। ଦୀର୍ଘ ଦିନ ହେଲା ଡେପୁଟି ସେକ୍ରେଟାରି ପଦବି ଖାଲିପଡ଼ିଛି। ଆସିଷ୍ଟାଣ୍ଟ୍ ସେକ୍ରେଟାରି ସରକାରୀ କାମରେ କଟକ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ବ୍ୟକ୍ତିଗତ କାମରେ ଛୁଟିରେ ଗଲେ ଦାୟିତ୍ୱ ହସ୍ତାନ୍ତର ପାଇଁ କେହି ନାହାନ୍ତି। ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଡାଟା ଏଣ୍ଟ୍ରି ଅପେରେଟର୍ ସମ୍ଭାଳୁଛନ୍ତି ନିତିଦିନିଆ କାର୍ଯ୍ୟ। ବୁକ୍ ଷ୍ଟୋର୍ ବ୍ୟବସ୍ଥା ମଧ୍ୟ ନାହିଁ। ଫଳରେ ଅବିଭକ୍ତ କୋରାପୁଟ ଜିଲ୍ଲାର ୧୫ଟି ପଞ୍ଜିକୃତ ବୁକ୍ ଡିଲର୍ କଟକ ଓ ବ୍ରହ୍ମପୁରରୁ ପାଠ୍ୟ ପୁସ୍ତକ ଆଣୁଛନ୍ତି। ରାଜ୍ୟ ସରକାରଙ୍କ ଚରମ ଅବେଳା ଯୋଗୁଁ ପ୍ରଭାବିତ ହେଉଛନ୍ତି ୪ ଜିଲ୍ଲାର ୮୬୪ ହାଇସ୍କୁଲ୍ର ଛାତ୍ରଛାତ୍ରୀ। ମୋଟୁରୁ ପ୍ରାୟ ୭୦୦କିମି ଦୂରରେ ରହିଛି କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ମୁଖ୍ୟ କାର୍ଯ୍ୟାଳୟ। ବ୍ରହ୍ମପୁରସ୍ଥିତ ଜୋନାଲ୍ କାର୍ଯ୍ୟାଳୟ ୫୫୦ କିମି ଦୂର। ଜୟପୁରରେ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ପ୍ରତିଷ୍ଠା ପୂର୍ବରୁ କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାବାସୀ କଟକ, ବ୍ରହ୍ମପୁରକୁ ଦୌଡ଼ିଦୌଡ଼ି ଖର୍ଚ୍ଚାନ୍ତ ହେଉଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ଦାବିକୁ ସମ୍ମାନ ଜଣାଇ ୨୦୧୨ ଅକ୍ଟୋବର ୭ ତାରିଖରେ ଜୟପୁରରେ ଖୋଲିଥିଲା ମାଧ୍ୟମିକ ଶିକ୍ଷା ପରିଷଦ ଜୋନାଲ୍ କାର୍ଯ୍ୟାଳୟ। କାର୍ଯ୍ୟାଳୟ ମୁଖ୍ୟ ଭାବେ ଡେପୁଟି ସେକ୍ରେଟାରି, ଆସିଷ୍ଟାଣ୍ଟ୍ ସେକ୍ରେଟାରି, ସେକ୍ସନ୍ ଅଫିସର, ସିନିଅର ଆସିଷ୍ଟାଣ୍ଟ୍, ଜୁନିଅର ଆସିଷ୍ଟାଣ୍ଟ, ଡାଟା ଏଣ୍ଟ୍ରି ଅପରେଟର, ଚତୁର୍ଥ ଶ୍ରେଣୀ



କର୍ମଚାରୀଙ୍କୁ ମିଶାଇ ମୋଟ ୯ଜଣଙ୍କ କର୍ମଚାରୀ ନିଯୁକ୍ତି ହୋଇଥିଲେ। ଇତି ମଧ୍ୟରେ ୧୨ବର୍ଷ ବିତିଗଲାଣି। ହେଲେ ନିଜସ୍ୱ କୋଠା ନିର୍ମାଣ ଦିଗରେ ଶିକ୍ଷା ବିଭାଗ କିମ୍ବା ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ସମୟକ୍ରମେ କର୍ମଚାରୀ ଅବସର ନେବା ଓ ବଦଳି ହେବା ପରେ କାର୍ଯ୍ୟାଳୟରେ ନୂତନ ନିଯୁକ୍ତି ହୋଇପାରୁନି। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କୋଠାରେ ଚାଲିଥିବା ଏହି କାର୍ଯ୍ୟାଳୟ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ମରାମତି ଅଭାବରୁ ଉକ୍ତ କୋଠା ଜରାଜୀର୍ଣ୍ଣ ହୋଇ ପାଣି ଗଳୁଛି। ୨୦୨୩-୨୪ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ କୋରାପୁଟ ଜିଲ୍ଲାର ୨୭୮ଟି ବିଦ୍ୟାଳୟରୁ ୧୬,୪୨୪ ଛାତ୍ରଛାତ୍ରୀ, ନବରଙ୍ଗପୁରର ୨୩୨ ବିଦ୍ୟାଳୟରୁ ୧୫,୩୧୮, ରାୟଗଡ଼ାର ୨୧୯ ବିଦ୍ୟାଳୟର ୧୦,୯୩୬ ଛାତ୍ରଛାତ୍ରୀ, ମାଲକାନଗିରିର ୭,୧୭୧ ଛାତ୍ରଛାତ୍ରୀ (ମୋଟ ୪୯୮୪୯) ଏଚ୍ଏସ୍ସିଇ ପାଇଁ ନାମ ପଞ୍ଜୀକରଣ କରିଥିଲେ। ପ୍ରତିବର୍ଷ ୪ଜିଲ୍ଲାରୁ ପ୍ରାୟ ୫୦ହଜାର ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରୁଛନ୍ତି। ୨୦୧୫ରୁ ଜୋନ୍ ପକ୍ଷରୁ ଆରମ୍ଭ ହୋଇଥିବା ପତ୍ରବିନିମୟ ମାଧ୍ୟମ ପରୀକ୍ଷାରେ ସପ୍ତମ ପରେ ପାଠ ଛାଡ଼ି ଦେଇଥିବା ୪ରୁ ୫ଶହ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଛନ୍ତି। ସେହିପରି ଜୋନାଲ୍ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଇଂରାଜୀ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଇଁ ସିଙ୍ଗଲ୍ ସବଜେକ୍ଟ ଓଡ଼ିଆ ପରୀକ୍ଷାରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଏଥିରେ ଅଛନ୍ତି ୧୦୦ରୁ ଊର୍ଦ୍ଧ୍ୱ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ବୋର୍ଡରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ। ନବମ ଶ୍ରେଣୀରେ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିବା ପରେ ଏବଂ ବୋର୍ଡ ପରୀକ୍ଷା ଦେବା ପୂର୍ବରୁ ନାମ, ଜନ୍ମତାରିଖ, ଫଟୋ ଜନିତ ତ୍ରୁଟି ସଂଶୋଧନ ପାଇଁ ଚାରିଥର ସୁଯୋଗ ମିଳୁଛି। ମାର୍କସିଟ୍ ଏବଂ ପ୍ରମାଣପତ୍ରରେ ଥିବା ତ୍ରୁଟି ସୁଧାରିବାରେ ଜୋନାଲ୍ କାର୍ଯ୍ୟାଳୟ କାର୍ଯ୍ୟକରୁଛି। ଏଥିସହ ଆଡମିଟ୍ କାର୍ଡ, ଓଏମ୍ଆର୍ ସିଟ୍, ଆଟେଣ୍ଡାନ୍ସ ସିଟ୍, ସାର୍ଟିଫିକେଟ ବିଦ୍ୟାଳୟରେ ପହଞ୍ଚାଇବାର ଦାୟିତ୍ୱ ମଧ୍ୟ ଏହି କାର୍ଯ୍ୟାଳୟର ରହିଛି।

# ପ୍ରଧାନମନ୍ତ୍ରୀଙ୍କ ସଡକରେ ଖାଲ, ରାସ୍ତା ପାର୍ଶ୍ୱରୁ ହଟୁନି ଜବରଦଖଲ

## ୧୦ବର୍ଷ ହେଲା ରାସ୍ତା ମରାମତି ନହେବା ପ୍ରତିବାଦରେ ଗ୍ରାମବାସୀଙ୍କ ଭୋଟ ବର୍ଜନ ଧମକ

**ବାଙ୍କୀ(ଭିଓଭି) :** ମରାମତି ଓ ରକ୍ଷଣାବେକ୍ଷଣା ଅଭାବରୁ ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ବଘେଇ କୃଷ୍ଣ ପଲ୍ଲୀ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାର ଲେମ୍ବେରୀ ଗାଁ ଛକ ଏବେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। କଳାପଥର-ବାଘମାରୀ ରାଜ୍ୟ ରାଜପଥ ସହ ଧଳାପଥର ଭାପୁର ବାଇପାସ୍ ରାସ୍ତାକୁ ସଂଯୋଗ କରିଥିବା ଏହି ରାସ୍ତା ଉପରେ ଉପରେ ନିର୍ଭର କରୁଥିବା ନିକଟ ପଂଚାୟତର ୧୦ହଜାରରୁ ଅଧିକ ଲୋକ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି କରାନଗଲେ ଆନ୍ଦୋଳନ ସହ ଆଗାମୀ ବିଧାନ ସଭା ଓ ଲୋକସଭା ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜଗନ୍ନାଥପୁର ପଂଚାୟତ ଅନ୍ତର୍ଗତ ବଘେଇ ଗ୍ରାମ ଠାରୁ ଭାୟା କଳାପଥର ପଂଚାୟତ ଅନ୍ତର୍ଗତ ଲେମ୍ବେରୀ - କୃଷ୍ଣପଲ୍ଲୀ



ସମୁଦାୟ ରାସ୍ତା ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ। ରାସ୍ତା ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହ ଲେମ୍ବେରୀ ଗାଁ ମୁଣ୍ଡରେ ପ୍ରାୟ ୩୦ମିଟର ଆଣ୍ଠୁଏ ଖାଲ ହୋଇ ପାଣି ଜମି ରହୁଛି। ଏହି ରାସ୍ତାଟି ବାଙ୍କୀ ବ୍ଲକର ଶେଷ ପଂଚାୟତ କଳାପଥରର କୃଷ୍ଣପଲ୍ଲୀ ସହ ବିପରୀତ ଭାପୁର ବ୍ଲକ ବାଇପାସ୍ର ପ୍ରମୁଖ ରାସ୍ତା ୫ଟି ଗ୍ରାମର କଲେଜ ଛାତ୍ରଛାତ୍ରୀ, ଉଚ୍ଚବିଦ୍ୟାଳୟ, ବଜାର, ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ଡାକଘର, ଗ୍ୟାସ୍ ଦୋକାନ, କଳାପଥର ଡାକ୍ତରଖାନାକୁ ବହୁ ଯାନବାହନ ଚଳାଚଳ କରିଥାଏ। କିଛି ଦିନ ତଳେ ଏହି ରାସ୍ତାକୁ ବାଙ୍କୀ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମରାମତି କରିବା ପାଇଁ ଠିକାଦାର ନିଯୁକ୍ତି କରାଯାଇଥିଲା। କିନ୍ତୁ ଠିକାଦାର ଅନ୍ୟକିଛି ଅଂଚଳରେ କିଛି ପିଚୁ ପକାଇ ମରାମତି କରିଥିବା ବେଳେ ଲେମ୍ବେରୀ ଠାରେ ଛାଡି ପଳାଇଛି। ପ୍ରାୟ ୧୦ବର୍ଷ ହେବ ମରାମତି ଅଭାବରୁ ରାସ୍ତାର ଗେଟି ଉଠିଯିବା ସହିତ ଖାଲ ହୋଇ କୃତିମ ହ୍ରଦ ସୃଷ୍ଟି ହେବା ଯୋଗୁଁ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ଭାରିଯାନ ସହ ଟ୍ରକ୍, ଲକ୍ଷ୍ମୀବସ୍ ଯିବାଆସିବା ଫଳରେ ମରଣଯନ୍ତା ପାଲଟି ଥିବା ଏହି ଲେମ୍ବେରୀ ଛକରେ ଚାଲି ଚାଲି ଆଣ୍ଠୁଏ ପାଣିରେ ଯିବା ମଧ୍ୟ କଷ୍ଟକର ହୋଇପଡିଛି। ଜରୁରୀକାଳୀନ ସମୟରେ ଡାକ୍ତରଖାନାକୁ ଏହି ରାସ୍ତାରେ ଯିବାକୁ ଲୋକମାନେ ନିରାପଦ ମନେକରୁନାହାଁନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରାନଗଲେ ଲେମ୍ବେରୀ ଗ୍ରାମର ପୂର୍ବତନ କାନାଡା ବ୍ୟାଙ୍କର କର୍ମଚାରୀ ଶରତ ଚନ୍ଦ୍ର ରାଉତ, ପବିତ୍ର ବିଶ୍ୱାଳ, ଭାଗବତ ପରିଡା, ମାଳତୀ ପ୍ରଧାନ, ପ୍ରଫୁଲ୍ଲ ବିଶ୍ୱାଳ, ଭାଗୀରଥି ବିଶ୍ୱାଳ, ପ୍ରତାପ କୁମାର ବିଶ୍ୱାଳ, ଶିବ ପ୍ରଧାନ, ଗୁଣ୍ଡିଚା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ଯେ ଆଗାମୀ ଭୋଟ ପ୍ରଚାରରେ ନେତାମାନେ ଗାଁକୁ ଆସିଲେ ଆନ୍ଦୋଳନ ସହ ଭୋଟ ବର୍ଜନ କରାଯିବ। ଏ ସଂପର୍କରେ ବାଙ୍କୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀକୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଅନ୍ୟପକ୍ଷରେ କଳାପଥର ସରପଂଚ କମଳା ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘର ମାଲିକମାନେ ଜଳ ନିଷ୍କାସନ ପାଇଁ ସହଯୋଗ କରୁନାହାଁନ୍ତି ଫଳରେ ସୋଲାର ପାନୀୟ ଜଳପ୍ରକଳ୍ପରୁ ଉଦ୍‌ବୃତ୍ତ ଜଳ ଜମା ରହି ଗମନାଗମନର ବାଧା ସୃଷ୍ଟି ହେଉଛି। ପ୍ରଶାସନିକ ସ୍ତରରେ ମାପଚୁପ କରାଯାଇ ଜବର ଦଖଲ ଉଚ୍ଛେଦ କରାଗଲେ ଡ୍ରେନ୍ ବ୍ୟବସ୍ଥା ହେବା ସହିତ ଜନସାଧାରଣଙ୍କ ଯାତାୟତ ସୁବିଧା ହୋଇପାରିବ।

# ଶୁଖୁଛି ସତୀଗୁଡ଼ା ଡ୍ୟାମ; ବଢ଼ିବ ଜଳ ସଂକଟ

**ମାଲକାନଗିରି(ଭିଓଭି) :** ମାଲକାନଗିରି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ମଙ୍ଗଳବାର ଝିପିଝିପି ବର୍ଷା ହେବା ପରେ ତାପମାତ୍ରା କିଛିକାଂଶରେ କମିଥିଲା। କିନ୍ତୁ ପୁଣି ଗରମ ଫେରିଛି। ଫଳରେ ସହର ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରର ଜଳ କ୍ରମଶ୍ୟ ହ୍ରାସ ପାଉଛି। ଏହି ସତୀଗୁଡ଼ାର ଜଳ ହିଁ ସାରା ମାଲକାନଗିରି ସହରକୁ ପାଣି ଯୋଗାଉଛି। ଏଥିସହ ଜଳସେଚନ ପାଇଁ ମଧ୍ୟ ଏହି ଜଳ ହିଁ ବ୍ୟବହାର ହେଉଛି। ତେବେ ଜିଲ୍ଲାର ଅନ୍ୟ ବ୍ଲକଗୁଡ଼ିକରେ ବର୍ଷାର ପରିମାଣ ଅଧିକା ଥିବା ବେଳେ ମାଲାକନଗିରିରେ ନାହିଁ। ଫଳରେ ସତୀଗୁଡା ଡ୍ୟାମର ଜଳ କମୁଥିବାରୁ ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ହଇରାଣ ହେବେ ବୋଲି କୁହାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ଜଳସ୍ତର ହ୍ରାସ ପାଉଥିବାରୁ ସହର ବାସିନ୍ଦା ଏବଂ ଚାଷ ଜମିକୁ ଜଳ ଯୋଗାଣ ହୋଇପାରିବ ନାହିଁ ବୋଲି ଆଶଂକା କରାଯାଇଛି। ସହରର ୧୯ଟି ୱାର୍ଡରେ ବାସ କରୁଥିବା ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତିଦିନ ୭୦ ଲକ୍ଷ ଲିଟର ପାଣି ଦରକାର ପଡୁଥିବା ବେଳେ ଏହା ପ୍ରଭାବିତ ହେବ। ଏଥିସହ ରବି ଋତୁରେ ୪୫୩୫ ହେକ୍ଟର ଏବଂ ଖରିପ ଋତୁରେ ୯୦୬୫ ହେକ୍ଟର ଜମିକୁ ଜଳସେଚନ କରାଯାଉଥିବା ବେଳେ ଚାଷୀକୂଳ ହଇରାଣରେ ପଡିବେ। ପୁଣି ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ଏକ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ମଧ୍ୟ ନିଜର ଜୀବିକା ହରାଇବେ ବୋଲି କୁହାଯାଇଛି।



ପୁଣି ସତୀଗୁଡ଼ା ଡ୍ୟାମ ଧୀରେଧୀରେ ପୋତି ହେବାକୁ ବସିଲାଣି। ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଇଛି, ଯେଉଁ ଉଦେଶ୍ୟ ନେଇ ଏହି ଡ୍ୟାମ ନିର୍ମାଣ କରାଯାଇଥିଲା ତାହା ଏବେ ଫଳପ୍ରଦ ହେଉନଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଜଳ ଜଳ ଦିଶୁଛି। ସତୀଗୁଡ଼ା ଡ୍ୟାମର ପୁନଃ ଉଦ୍ଧାର ନାମରେ କୋଟିକୋଟି ଟଂକା ପ୍ରତିବର୍ଷ ଖର୍ଚ୍ଚ ହେଉଥିଲେ ମଧ୍ୟ ଏହା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ଏହି ପୁରାତନ ଜଳଭଣ୍ଡାର ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ନପଡିଲେ ଏହା ଧୀରେଧୀରେ ପୋତି ହେବ ବୋଲି ଆଶଂକା କରାଯାଇଛି।

'୪ ବର୍ଷ ହେବ ଶୋଇଥିଲ କି ?'

# ଗେମ୍ ଜୋନ୍ ଅଗ୍ନିକାଣ୍ଡକୁ ନେଇ ପ୍ରଶାସନ ଉପରେ ବର୍ଷିଲେ ହାଇକୋର୍ଟ

**ନୂଆଦିଲ୍ଲୀ:** ଗୁଜରାଟ ରାଜକୋଟ ଭିଡିଓ ଗେମିଂ ଜୋନ୍ ଅଗ୍ନିକାଣ୍ଡ ଘଟଣାକୁ ନେଇ ନଗର ନିଗମ ଉପରେ ବର୍ଷିଛନ୍ତି ହାଇକୋର୍ଟ। ଏପରି ଘଟଣାକୁ 'ମାନବ ବିପର୍ଯ୍ୟୟ' କହିବା ସହ ସହରରେ ଥିବା ମାତ୍ର ଦୁଇଟି ଗେମିଂ ଜୋନର କାଗଜପତ୍ର ଏବଂ ସୁରକ୍ଷାକୁ ଯାଞ୍ଚ କରିବାରେ ମ୍ୟୁନିସିପାଲ ବିଫଳ, ଆମେ ଆଉ ପ୍ରଶାସନ କି ସରକାରଙ୍କ ଉପରେ ବିଶ୍ୱାସ କରିପାରୁ ନାହୁଁ ବୋଲି କୋର୍ଟ କହିଛନ୍ତି।



ଗୁଜୁରାଟ ହାଇକୋର୍ଟର ବିଚାରପତି ବିରେନ ବୈଷ୍ଣୋ ଏବଂ ଜଷ୍ଟିସ ଦେବନ ଦେସାଇଙ୍କୁ ନେଇ ଖଣ୍ଡପୀଠ ରାଜକୋଟ ଅଗ୍ନିକାଣ୍ଡ ଘଟଣାର ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି ଯେ, ରାଜକୋଟ ଗେମ୍ ଜୋନ୍ ଅନଧିକୃତ ଅଞ୍ଚଳରେ ଥିଲା। ସରକାରୀ ନିୟମ ଅନୁସାରେ ଏହାକୁ ନିୟମିତ କରିବା ପାଇଁ ଅନୁମୋଦନ ମଗା ଯାଇଥିଲା। ଗତ ୪ ବର୍ଷ ମଧ୍ୟରେ ହାଇକୋର୍ଟ ଅନେକ ନିଷ୍ପତ୍ତି ଏବଂ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ରାଜ୍ୟରେ ଏକାଧିକ ଗେମିଂ ଜୋନରେ ବାରମ୍ବାର ଏପରି ଘଟଣା ଘଟିଛି। ଏବେ ଆଉ ଆମେ ସ୍ଥାନୀୟ ବ୍ୟବସ୍ଥା କି ରାଜ୍ୟ ସରକାରଙ୍କ ଉପରେ ବିଶ୍ୱାସ କରିପାରୁ ନାହୁଁ। ରାଜକୋଟ ନଗର ନିଗମ ମଧ୍ୟ ଗେମିଂ ଜୋନକୁ ଅନୁମୋଦନ ଦେଇନଥିବା କହିବା ପରେ କୋର୍ଟ କ୍ରୋଧିତ ହୋଇ କହିଥିଲେ, ଆପଣ ଅନ୍ଧ ହୋଇଯାଇଛନ୍ତି କି ? ୪ ବର୍ଷ ହେଲା ଗେମିଂ ଜୋନ୍ ଚାଲିଥିଲା, ଆପଣ ଶୋଇପଡିଥିଲେ କି ? ଯଦି ଆପଣ ଆଖି ବୁଜି ଦେଇଥିଲେ, ତେବ ଆପଣଙ୍କର ଅନ୍ୟ କାର୍ଯ୍ୟକର୍ତ୍ତାମାନେ କ'ଣ କରୁଥିଲେ ? ଗେମିଂ ଜୋନକୁ ଯାଇଥିବା କିଛି ଅଧିକାରୀଙ୍କ ଫଟୋକୁ ନେଇ ମଧ୍ୟ ବର୍ଷିଚନ୍ତି କୋର୍ଟ। ଅଦାଲତ କହିଛନ୍ତି, ସେଠାକୁ ଖେଳିବାକୁ ଯାଇଥିବା ଅଧିକାରୀମାନେ କିଏ ? ଆଜି କିମ୍ବା ଆସନ୍ତାକାଲି ମଧ୍ୟରେ ସହରରେ ଥିବା ଗେମିଂ ଜୋନ ଉପରେ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ ମନୀଷା ଲବ କୁମାର ଶାହ କୋର୍ଟକୁ କହିଛନ୍ତି, ୭୨ ଘଣ୍ଟା ମଧ୍ୟରେ ଏସଆଇଟି ଗଠନ କରାଯାଇଛି ଏବଂ ରିପୋର୍ଟ ମଗାଯାଇଛି। ଏପରି ଘଟଣାରେ ପ୍ରଥମ ଥର ପାଇଁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ମଗାଯିବା ସହ ଗତ ୪୮ ଘଣ୍ଟା ମଧ୍ୟରେ ୬ ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି।

ପ୍ରକାଶ ଥାଉକି, ଶନିବାର ସନ୍ଧ୍ୟାରେ ରାଜକୋଟ ଗେମ୍ ଜୋନ୍ ଟିଆରପିରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୪ ଜଣ ପିଲାଙ୍କ ସମେତ ୩୨ ଜଣଙ୍କର ମୃତ୍ୟୁ ଘଟିଛି।

## ବୁଥ୍ ଭୋଟ୍ ତଥ୍ୟ ସାର୍ବଜନୀନ କରିବା ଦାବି ଉପରେ ସୁପ୍ରିମ କୋର୍ଟଙ୍କ ଶୁଣାଣି

**ନୂଆଦିଲ୍ଲୀ:** ମତଦାନ ସରିବାର ୪୮ ଘଣ୍ଟା ମଧ୍ୟରେ ତଥ୍ୟ ସାର୍ବଜନୀନ କରିବାକୁ ହୋଇଥିବା ଆବେଦନ ଉପରେ ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ଆବେଦନକୁ ବିଚାରାଧୀନ ରଖିବା ସହ ବର୍ତ୍ତମାନ ଏହି ମାମଲା ଉପରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ କହିଛନ୍ତି, ବର୍ତ୍ତମାନ ସମୟରେ ଆମେ ମଧ୍ୟବର୍ତ୍ତୀକାଳୀନ ରାୟ ଦେବାକୁ ଇଚ୍ଛୁକ ନାହୁଁ। ନିର୍ବାଚନ ପରେ ଉପଯୁକ୍ତ ବେଞ୍ଚ ଏହାର ଶୁଣାଣି କରିବ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଶୁଣାଣି ସମୟରେ ଜଷ୍ଟିସ ଦତ୍ତ କହିଛନ୍ତି, ଆମେ ନିର୍ବାଚନରେ ବାଧା ସୃଷ୍ଟି କରିପାରିବୁ ନାହିଁ। ଆମେ ମଧ୍ୟ ଦାୟିତ୍ୱବାନ ନାଗରିକ ଏବଂ ଆମକୁ ଏକ ସଂଯମ ଉପାୟ ଅବଲମ୍ବନ କରିବା ଉଚିତ୍।



ପ୍ରକାଶ ଥାଉକି, ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ଏବଂ ଟିଏମସି ସାଂସଦ ପ୍ରାର୍ଥୀ ମହୁଆ ମୋଇତ୍ର ୨୦୧୯ରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଯେଉଁଥିରେ ଦାବି କରାଯାଇଥିଲା ଯେ, ମତଦାନ ସରିବାର ୪୮ ଘଣ୍ଟା ମଧ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ତଥ୍ୟ ସାର୍ବଜନୀନ କରାଯାଉ ଏବଂ ଫର୍ମ ୧୭ସି(ଭୋଟ୍ ରେକର୍ଡ) ସାର୍ବଜନୀନ କରାଯାଉ। ଆଜି ଏହି ଆବେଦନ ଉପରେ ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ଫର୍ମ ୧୭ଉ ସାର୍ବଜନୀନ କରିବା ଦାବିକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିରୋଧ କରାଯାଇଛି। ନିର୍ବାଚନ ଆୟୋଗ କହିଛନ୍ତି, ନିୟମ ଅନୁଯାୟୀ ଫର୍ମ ୧୭ସି କେବଳ ମତଦାନ ଏଜେଣ୍ଟଙ୍କୁ ଦିଆଯିବା ଉଚିତ। ୧୭ସି ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଦେବାକୁ ଅନୁମତି ନାହିଁ। ନିୟମ ଅନୁସାରେ, ଫର୍ମ ୧୭ସିକୁ ସର୍ବସାଧାରଣରେ ପ୍ରକାଶ କରିବା ଠିକ୍ ନୁହେଁ। ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କୁ ଆହୁରି କହିଛନ୍ତି ଯେ, ଫର୍ମ ୧୭ସି (ଭୋଟ୍ ରେକର୍ଡ) ୱେବସାଇଟରେ ଅପଲୋଡ୍ କଲେ ଅନିୟମିତତା ହୋଇପାରେ। ଏଥିରେ ଟାମ୍ପରିଂ ହେବାର ସମ୍ଭାବନା ଅଛି, ଯାହା ଜନସାଧାରଣଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିପାରେ। ନିର୍ବାଚନ ଆୟୋଗଙ୍କ ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ଏତେ ଦିନ ମଧ୍ୟରେ କାହିଁକି ପୃଥକ ଆବେଦନ କରିନାହାନ୍ତି, ବର୍ତ୍ତମାନ କାହିଁକି ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମାଗୁଛନ୍ତି ?

## ପୁଣେ ହିଟ୍ ଆଣ୍ଡ ରନ୍ ମାମଲା: ଫରେନ୍ସିକ୍ ବିଭାଗ ମୁଖ୍ୟ ଓ ଡାକ୍ତର ଗିରଫ

ନୂଆଦିଲ୍ଲୀ: ପୁଣେ ପୋର୍ସ କାର୍ ଦୁର୍ଘଟଣା ମାମଲାରେ ଆଉ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାର ଅଭିଯୁକ୍ତ ନାବାଳକର ରକ୍ତ ନମୁନାରେ ହେରଫେର କରିବା ଅଭିଯୋଗରେ ପୁଲିସ ଫରେନ୍ସିକ ଡିପାର୍ଟମେଣ୍ଟର ମୁଖ୍ୟଙ୍କ ସମେତ ଜଣେ ଡାକ୍ତରଙ୍କୁ ଗିରଫ କରିଛି।



ଡାକ୍ତର ଅଜୟ ତାୱଡେ ଓ ହରି ହାରନୋର୍‌ଙ୍କୁ ପୁଲିସ ଗିରଫ କରିଛି। ହରି ହରନୋର୍ ପୁଣେ ସସୁନ ହସ୍ପିଟାଲର ଫରେନ୍ସିକ୍ ବିଭାଗର ମୁଖ୍ୟ ଅଛନ୍ତି। ଏ ଦୁହେଁ ନାବାଳିକା ଅଭିଯୁକ୍ତର ରକ୍ତ ନମୁନାକୁ ବଦଳାଇ ଦେଇଥିବା ଓ ପ୍ରମାଣ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପଚରାଉଚରା ପରେ ପୁଲିସ ଉଭୟଙ୍କୁ ଗିରଫ କରିଛି।

ଏହି ଦୁଇ ଜଣ ଦୁର୍ଘଟଣାରେ ସମ୍ପୃକ୍ତ ନାବାଳକର ରକ୍ତ ନମୁନାକୁ ମଦ୍ୟପାନ ନକରିଥିବା ଜଣେ ବ୍ୟକ୍ତିଙ୍କ ରକ୍ତ ନମୁନା ସହ ବଦଳାଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପୁଲିସ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

କହିରଖୁ ଯେ, ମେ ୧୯ରେ ଦୁର୍ଘଟଣା ପରେ ନାବାଳକଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ସେସନ୍ ହସ୍ପିଟାଲକୁ ନିଆଯାଇଥିଲା। ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ (ଏଫ୍‌ଏସ୍‌ଏସ୍)ର ପ୍ରଥମ ରିପୋର୍ଟରେ ନାବାଳକ କୌଣସି ନିଶା ଦ୍ରବ୍ୟ ସେବନ କରିନଥିବା ସାମ୍ନାକୁ ଆସିଥିଲା। ଏହାକୁ ନେଇ ସନ୍ଦେହ ଉପୁଜିଥିଲା। ଏହାପରେ ପୁଣି ଥରେ ପୁଲିସ ଅଭିଯୁକ୍ତର ରକ୍ତ ନମୁନା ପରୀକ୍ଷା କରିଥିଲା। ତେବେ ଦ୍ୱିତୀୟ ରକ୍ତ ରିପୋର୍ଟରେ ନାବାଳକ ମଦ୍ୟପାନ କରିଥିବା ଜଣାପଡିଥିଲା। ଡିଏନ୍‌ଏ ପରୀକ୍ଷାରୁ ଏହି ନମୁନା ଦୁଇଟି ଭିନ୍ନ ବ୍ୟକ୍ତିବିଶେଷଙ୍କର ବୋଲି ପ୍ରମାଣିତ ହୋଇଥିଲା। ସରକାରୀ ଡାକ୍ତରଖାନାର ଡାକ୍ତରମାନେ ଅଭିଯୁକ୍ତ ନାବାଳକଙ୍କୁ ସୁରକ୍ଷା ଦେବା ପାଇଁ ରକ୍ତ ପରୀକ୍ଷା ପ୍ରମାଣପତ୍ରକୁ ବଦଳାଇ ଦେଇଥିବା ତଦନ୍ତକାରୀ ଟିମ୍ ସୂଚନା ଦେଇଛି।

ପୁଣେ ପୋର୍ସେ ଦୁର୍ଘଟଣା ମାମଲା ଆରମ୍ଭରୁ ବିବାଦ ଘେରକୁ ଆସିଥିଲା। ଅଭିଯୁକ୍ତଙ୍କ ପରିବାରକୁ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରାଯିବା ସହ ଅଭିଯୁକ୍ତ ନାବାଳକକୁ ଜେଲ୍‌ରେ ପିଜା, ବିରିୟାନି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୂର୍ବରୁ ଦୁଇ ଜଣ ପୁଲିସ ଅଧିକାରୀଙ୍କୁ ସସ୍‌ପେଣ୍ଡ ମଧ୍ୟ କରାଯାଇଛି। ମେ' ୧୯ ତାରିଖ ରାତିରେ ପୁଣେ କଲ୍ୟାଣନଗର ଅଞ୍ଚଳରେ ଜଣେ ନାବାଳକ ଦ୍ରୁତ ଗତିରେ ନିଜ ପୋର୍ସ କାର୍ ଚଳାଇ ଦୁଇ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚଳାଉଥିବା ଉଭୟ ଯୁବକ ଓ ଯୁବତୀଙ୍କର ମୃତ୍ୟୁ ଘଟିଛି। ଦ୍ୱାଦଶ ଶ୍ରେଣୀ ଫଳାଫଳ ବାହାରିବା ଖୁସିରେ ପୁଣେର ଏକ ପବ୍‌ରେ ସାଙ୍ଗମାନଙ୍କ ସହ ମଦ୍ୟପାନ କରିବା ପରେ ଅଭିଯୁକ୍ତ ନାବାଳକ ମଦ ନିଶାରେ ଗାଡି ଚଳାଇଥିଲା। ଏହି ଦୁର୍ଘଟଣା ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ବିଲ୍ଡର ବାପା ଓ ଜେଜେ ବାପାଙ୍କ ସମେତ ୯ ଜଣଙ୍କୁ ଗିରଫ କରିସାରିଲାଣି।

## ଅନ୍ତରୀଣ ଜାମିନ ଅବଧି ବଢାଇବାକୁ ସୁପ୍ରିକୋର୍ଟରେ କେଜ୍ରିୱାଲଙ୍କ ଅନୁରୋଧ

ନୂଆଦିଲ୍ଲୀ: ଅନ୍ତରୀଣ ଜାମିନରେ ଆସିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଅବଧି ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି। ଜାମିନ ଅବଧି ଆଉ ସାତ ଦିନ ବଢାଇବାକୁ କେଜ୍ରିୱାଲ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଏହି ଆବେଦନ କରିଛନ୍ତି କେଜ୍ରିୱାଲ। ଦଳ(AAP) ପକ୍ଷରୁ କୁହାଯାଇଛି ଯେ, କେଜ୍ରିୱାଲଙ୍କୁ ଡାକ୍ତରୀ ପରୀକ୍ଷା କରାଇବାକୁ ପଡୁଥିବାରୁ ସେ ଜାମିନ ଅବଧି ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଛନ୍ତି।



ଦିଲ୍ଲୀ ମଦ ନୀତି ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ଗିରଫ ହୋଇଛନ୍ତି ଅରବିନ୍ଦ କେଜ୍ରିୱାଲ। ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କୁ ଗିରଫ କରିଥିଲା। ଏହାପରେ ସେ ତିହାର ଜେଲରେ ଥିଲେ। ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନ ଚାଲିଥିବାରୁ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ଏବଂ ଅଦାଲତ ତାଙ୍କୁ ମେ ୧୦ରୁ ଜୁନ ୨ ପର୍ଯ୍ୟନ୍ତ ଜାମିନ ଦେଇଥିଲେ।

ସର୍ତ୍ତ ଅନୁସାରେ ପ୍ରଚାର ସରିବାର ଗୋଟିଏ ଦିନ ପରେ ଅର୍ଥାତ ଜୁନ ୩ରେ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବ କେଜ୍ରିୱାଲ। କିନ୍ତୁ ସେ ବର୍ତ୍ତମାନ ଜାମିନ ଅବଧି ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**
6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର